RNI No.ODIODI/2010/33031
୧୫ ବର୍ଷ Volume- 15
ISSUE - 117 ସଂଖ୍ୟା-୧୧୭
ଭୁବନେଶ୍ୱର, ସୋମବାର ୧୫, ଜୁଲାଇ, ୨୦୨୪
Bhubaneswar, Monday 15 July, 2024
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ୪୬ ବର୍ଷ ପରେ ଖୋଲିଲା ମହାପ୍ରଭୁଙ୍କ ରତ୍ନଭଣ୍ଡାର

- ତାଲା ନ ଖୋଲିବାରୁ ୩ ତାଲା ଭଙ୍ଗାଗଲା
- ସବୁ ଅଳଙ୍କାର ସିନ୍ଦୁକ ଓ ଆଲମିରାରେ ରହିଛି
- ସମୟ ଅଧିକ ହେବାରୁ ଆଜିର କାର୍ଯ୍ୟ ସ୍ଥଗିତ



ପୁରୀ,୧୪।୭(ନି.ପ୍ର.): ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ତାଲା ଖୋଲିଲା ନାହିଁ। ତେଣୁ ଭିତର ରତ୍ନଭଣ୍ଡାର ୩ଟି ତାଲା ଭଙ୍ଗା ଯାଇଛି। ତା'ପରେ ରତ୍ନଭଣ୍ଡାର ଯାଞ୍ଚ କମିଟିର ସଦସ୍ୟମାନେ ଭିତର ରତ୍ନ ଭଣ୍ଡାରରେ ପ୍ରବେଶ କରିଛନ୍ତି। ସବୁ ଅଳଙ୍କାର ଆଲମିରା ଓ ସିନ୍ଦୁକରେ ଥିବା ବାହାରୁ ଦେଖିଲେ। ହେଲେ କୌଣସି ଆଲମିରା ଓ ସିନ୍ଦୁକ ଖୋଲାଯାଇ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି। ପୂଜାର୍ଚ୍ଚନା ପରେ ଶ୍ରୀମନ୍ଦିର ତଦାରଖ କମିଟି ସଦସ୍ୟମାନେ ଅପରାହ୍ନ ୧ଟା ୨୮ ମିନିଟ୍ରେ ପ୍ରବେଶ କରିଥିଲେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି, ପ୍ରଥମେ ବାହାର ରତ୍ନଭଣ୍ଡାର ତାଲାଖୋଲା ଯାଇଥିଲା। ସେଠାରେ ଥିବା ସବୁ ଅଳଙ୍କାରକୁ ରଙ୍ଗଡ଼ା ଘରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ନିଆଯାଇଥିଲା। ସମସ୍ତ ସଦସ୍ୟ ଓ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ସିଲ୍ କରାଯାଇଥିଲା। ତା'ପରେ ଅଧିକୃତ ବ୍ୟକ୍ତିମାନେ ଭିତର ରତ୍ନଭଣ୍ଡାର ପାଖକୁ ଯାଇଥିଲେ। ଟ୍ରେଜେରୀରୁ ଆସିଥିବା ୩ ଋବିରେ ଭିତର ରତ୍ନଭଣ୍ଡାରରେ ଲାଗିଥିବା ୩ ତାଲା ଖୋଲିବାକୁ ଉଦ୍ୟମ କରିଥିଲେ। ହେଲେ ସମ୍ଭବପର ହୋଇନଥିଲା। ତେଣୁ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ୩ ତାଲା ଭାଙ୍ଗା ଯାଇଥିଲା। ତା'ପରେ ପୂରା କମିଟି ଭିତର ରତ୍ନଭଣ୍ଡାରକୁ ଯାଇଥିଲେ। ଭିତର ଭଣ୍ଡାରରେ ଯାହାସବୁ ଗଚ୍ଛିତ ରହିଛି, ତାହା ସିନ୍ଦୁକ ଓ ଆଲମିରାରେ ରହିଛି। କିନ୍ତୁ କୌଣସି ଅଳଙ୍କାର ଆମେ ଦେଖିନାହୁଁ। ଭିତର ରତ୍ନଭଣ୍ଡାର ଖୋଲାଗଲା ବେଳକୁ ବହୁ ସମୟ ହୋଇଯାଇଥିଲା। ସମସ୍ତଙ୍କ ସହମତିରେ ଆଜି ପାଇଁ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଆଉ ଗୋଟିଏ ଦିନରେ ଭିତର ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାରକୁ ସ୍ଥାନାନ୍ତର କରାଯିବ ବୋଲି ଡକ୍ଟର ପାଢ଼ୀ କହିଛନ୍ତି।

ସେ ଆହୁରି କହିଛନ୍ତି, ସମସ୍ତ ଅଳଙ୍କାର ସ୍ଥାନାନ୍ତର ହେବା ପରେ ରତ୍ନଭଣ୍ଡାରକୁ ଏଏସ୍ଆଇକୁ ହସ୍ତାନ୍ତର କରାଯିବ। ଏଏସ୍ଆଇ ରତ୍ନଭଣ୍ଡାରର ରକ୍ଷଣାବେକ୍ଷଣ କରିସାରିବା ପରେ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମରେ ରଖାଯାଇଥିବା ଅଳଙ୍କାରକୁ ପୁଣି ଥରେ ରତ୍ନଭଣ୍ଡାରକୁ ନିଆଯିବ। ସେହି ସମୟରେ ସମସ୍ତ ଅଳଙ୍କାରର ଗଣତି ମଣତି କରାଯିବ ଡକ୍ଟର ପାଢ଼ୀ କହିଛନ୍ତି।।

ରତ୍ନଭଣ୍ଡାର ଭିତରକୁ ଯାଇଥିଲେ ୧୧ ଜଣ ସଦସ୍ୟ। ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ସଦସ୍ୟ ଡାକ୍ତର ସିବିକେ ମହାନ୍ତି, ଗଜପତି ମହାରାଜାଙ୍କ ପ୍ରତିନିଧି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏଏସ୍ଆଇ ଅଧୀକ୍ଷକ ଡିବି ଗଡ଼ନାୟକ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଉ କରଣ ଓ ଦେଉଳ କରଣ ପ୍ରମୁଖ ରତ୍ନଭଣ୍ଡାର ଭିତରକୁ ଯାଇଛନ୍ତି।

ମିଳିଥିବା ତଥ୍ୟ ଅନୁସାରେ ଭିତର ରତ୍ନଭଣ୍ଡାରରେ ବିରାଟ ବିରାଟ ଗାତ ରହିଛି। ମୂଷାମାନେ ଏଭଳି ବଡ଼ ବଡ଼ ଗାତ କରି ଦେଇଥିବା ସନ୍ଦେହ କରାଯାଉଛି। ମୂଷାମାନଙ୍କ ଦ୍ୱାରା ସୁଡ଼ଙ୍ଗ ଭଳି ବଡ଼ ବଡ଼ ଗାତ ହୋଇଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ତଦାରଖ କମିଟି ସଦସ୍ୟମାନେ ରତ୍ନ ଭଣ୍ଡାର ଭିତରକୁ ପଶିବା ବେଳେ ଶହଶହ ସଂଖ୍ୟାରେ ଚେମେଣ୍ଢିଆ ବାହାରକୁ ଉଡ଼ିଆସିଥିଲେ। ଚେମେଣ୍ଢିଆମାନେ ବାଇସି ପାହାଚ ଦେଇ ବାହାରକୁ ପଳାଇ ଆସୁଛନ୍ତି। ଚେମେଣ୍ଢିଆଙ୍କ ଉଡିବା ଦେଖି ନାନା କଥା ଶୁଣିବାକୁ ମିଳୁଛି।

## ଆଜି ବାହୁଡ଼ାଯାତ୍ରା

ପୁରୀ,୧୪।୭(ନି.ପ୍ର.): ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ଶେଷ ହୋଇଛି। ବାହୁଡା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ବନ୍ଦ ହୋଇଛି। ଦର୍ଶନ ବନ୍ଦ ପରେ ଶ୍ରୀଜିଉଙ୍କ ଅନ୍ୟ ନିତି ସମ୍ପନ୍ନ ହେବ ଆଜି ସକାଳ ଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶରଧାବାଲିରେ ଲୋକାରଣ୍ୟ



ଦେଖାଯାଇଛି। ରାତି ପାହିଲେ ମହାପ୍ରଭୁ ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ଏଥି ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଏଥି ପାଇଁ ପ୍ରସ୍ତୁତ ଅଛନ୍ତି। ଶୃଙ୍ଖଳିତ ବାହୁଡ଼ା ଯାତ୍ରା ପାଇଁ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜୁଲାଇ ୧୫ରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଏହା ପୂର୍ବଦିନ ଆଡ଼ପମଣ୍ଡପରେ ଶେଷ ଦର୍ଶନ ଭାବେ ଅଗଣିତ ଭକ୍ତ ସନ୍ଧ୍ୟା ଦର୍ଶନ କରିଥାନ୍ତି। କିନ୍ତୁ ବିଗତ କିଛି ବର୍ଷ ହେଲା ବାହୁଡ଼ା ଯାତ୍ରା ଓ ପହଣ୍ଡି ବିଳମ୍ବ ଆଳରେ ସନ୍ଧ୍ୟା ଦର୍ଶନ ବନ୍ଦ କରି ଦିଆଯାଉଛି।ଚଳିତବର୍ଷ ବି ଭକ୍ତ ସନ୍ଧ୍ୟା ଦର୍ଶନର ସୁଯୋଗ ପାଇବେନି।ରବିବାର ସନ୍ଧ୍ୟା ୫ଟାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପଦର୍ଶନ ବନ୍ଦ ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି।

## ମହତ୍ ଉଦ୍ଦେଶ୍ୟ ନେଇ ରତ୍ନଭଣ୍ଡାର ଖୋଲାଗଲା: ସିଏମଓ

ଭୁବନେଶ୍ୱର,୧୪।୭(ନି.ପ୍ର.): ରତ୍ନଭଣ୍ଡାର ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଏକ ପୋଷ୍ଟ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ତୁମେ ଲୀଳାମୟ। ତୁମ ଇଚ୍ଛାରେ ଏ ସାରା ସଂସାର ଆତଯାତ ହେଉଛି। ତୁମେ ଓଡ଼ିଆ ଜାତିର ହୃତ୍ ସ୍ପନ୍ଦନ। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ଶ୍ରେଷ୍ଠ ପରିଚୟ।ତୁମ ଇଚ୍ଛାରେ ଓଡ଼ିଆ ଜାତି ଆଜି ତାର ଅସ୍ମିତାର ପରିଚୟକୁ ନେଇ ଆଗକୁ ବଢ଼ିବାକୁ ଉଦ୍ୟମ ଆରମ୍ଭ କରିଛି। ତୁମ ଇଚ୍ଛାରେ ପ୍ରଥମେ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିଲା। ତୁମ ଇଚ୍ଛାରେ ୪୬ ବର୍ଷ ପରେ ଆଜି ଏକ ମହତ୍ ଉଦ୍ଦେଶ୍ୟ ନେଇ ରତ୍ନ ଭଣ୍ଡାର ଖୋଲାଗଲା। ଏ ମହାନ୍ କାର୍ଯ୍ୟ ସଫଳ ହେବ ବୋଲି ମୋର ଦୃଢ଼ ବିଶ୍ୱାସ। ତୁମ ଆଶୀର୍ବାଦରେ ପ୍ରତ୍ୟେକ ଓଡ଼ିଆ ଜାତି, ଗୋଷ୍ଠୀ, ବର୍ଣ୍ଣ ଓ ସର୍ବୋପରି ରାଜନୀତିର ଭେଦକୁ ଭୁଲି ଆଧ୍ୟାତ୍ମିକ ଓ ଭୌତିକ ଜଗତରେ ଓଡ଼ିଶାର ଏକ ନୂଆ ପରିଚୟ ସୃଷ୍ଟି କରିବାକୁ ଅଗ୍ରସର ହେଉ, ଏତିକି ପ୍ରାର୍ଥନା।

# ତ୍ରୀଶା ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାରେ ଜଣେ ଶିଶୁ ମୃତ

## ବିଏସ୍କେୱାଇରୁ ବାଦ୍ ପଡ଼ିଲା ହସ୍ପିଟାଲ, ଚିକିତ୍ସା ବ୍ୟବସ୍ଥା ତଦାରଖ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

କଟକ/ଭୁବନେଶ୍ୱର,୧୪।୭: ତ୍ରୀଶା ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାରେ ଆଜି ଜଣେ ଶିଶୁର ମୃତ୍ୟୁ ଘଟିଛି। ତ୍ରିଶା ହସ୍ପିଟାଲ୍ ଆଇସିୟୁରେ ଚିକିତ୍ସିତ ହୋଇ ଗୁରୁତର ଥିବା ଶିଶୁର ଆଜି ଶିଶୁ ଭବନରେ ମୃତ୍ୟୁ ଘଟିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତାଲିକାରୁ ତ୍ରିଶା ହସ୍ପିଟାଲ ବାଦ୍ ପଡ଼ିଛି। ଯାଂଚ ପ୍ରକ୍ରିୟା ଜାରି ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

ଭଦ୍ରକ ମେଡ଼ିକାଲ୍ରେ ଚିକିତ୍ସିତ ହେଉଥିବା ଋନ୍ଦବାଲି ଅଞ୍ଚଳର ବିଜୟ ବେହେରାଙ୍କ ନବଜାତଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଥିଲା। ତେଣୁ ଗତ ୭ ତାରିଖରେ ସେ ଛୁଆକୁ ଧରି କଟକ ଶିଶୁ ଭବନକୁ ଆସିଥିଲେ। ହେଲେ ଆଇସିୟୁ ମିଳିନଥିଲା। ଶିଶୁ ଭବନର ସିକ୍ୟୁରିଟି ଗାର୍ଡଙ୍କ ମାଧ୍ୟମରେ ପିଲାକୁ ନେଇ ତ୍ରିଶା ହସ୍ପିଟାଲ୍ର ଆଇସିୟୁରେ ଭର୍ତ୍ତି କରିଥିଲେ। ୮ ତାରିଖରେ ତ୍ରିଶା ହସ୍ପିଟାଲ୍ରେ ଭର୍ତ୍ତି ହୋଇଥିଲେ। ହେଲେ ଶନିବାର ଅପରାହ୍ନରେ ଲାଗିଥିବା ନିଆଁ ଯୋଗୁ ଶିଶୁ ଗୁରୁତର ହୋଇପଡ଼ିଥିଲା। ବିଜୟଙ୍କ ଶିଶୁଙ୍କ ପରି ୧୭ ନବଜାତଙ୍କୁ ଉଦ୍ଧାର କରାଯାଇ ଶିଶୁ ଭବନରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଜୟଙ୍କ ପିଲାଙ୍କ ମୃତ୍ୟୁ ଘଟିଛି।



ଶିଶୁ ଭବନରେ ପହଂଚି ଅଗ୍ନିକାଣ୍ଡ ଯୋଗୁଁ ସ୍ଥାନାନ୍ତରିତ ନବଜାତକଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ସ୍ଥିତି ଅନୁଧ୍ୟାନ ପରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଘଟଣାର ଅନୁସନ୍ଧାନ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠିତ ହୋଇଛି। ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ର ସୁପାରିଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ। ଏହାସହ ସବୁ ବେସରକାରୀ ହସ୍ପିଟାଲର ଅଗ୍ନି ନିରାପତା ବ୍ୟବସ୍ଥା ଯାଂଚ ହେବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟ ସଚିବ ମଧ୍ୟ ଶିଶୁ ଭବନ ପରିଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଶିଶୁ ଭବନ ସୁପରିଂଟେଡେଂଟ କହିଛନ୍ତି ତ୍ରୀଶା ହସ୍ପିଟାଲରେ ଅଗ୍ନିକାଣ୍ଡ ପରେ ଶିଶୁ ଭବନକୁ ୧୭ ନବଜାତକ ଆସିଥିଲେ। ୧୭ଶିଶୁଙ୍କ ମଧ୍ୟରୁ ପାଂଚ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତାଲିକାରୁ ତ୍ରିଶା ହସ୍ପିଟାଲ ବାଦ୍ ପଡ଼ିଛି। ଯାଂଚ ପ୍ରକ୍ରିୟା ଜାରି ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଗତକାଲି କଟକ ସ୍ଥିତ 'ତ୍ରିଶା' ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ପରେ ଏକାଧିକ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ କଟକ ଶିଶୁଭବନରେ ୧୦ ଜଣ, ଏସସିବି ଏନଆଇସିୟୁରେ ୩ ଜଣ, ଆଇସିୟୁରେ ୪ ଜଣ ଓ ୱାର୍ଡରେ ୧୦ ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ରବିବାର ଜଣେ ୧୧ ଦିନର ଶିଶୁର ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରାଯାଉଛି।

## କଲୋନୀର ୧୫ଟି ଘରୁ ୪୦ ଲକ୍ଷରୁ ଅଧିକ ସୁନା ଗହଣା ଲୁଟ୍

କୋଇଡା,୧୪।୭(ନି.ପ୍ର.): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ସାନଇନ୍ଦୁପୁର ରୁଙ୍ଗଟା କଲୋନୀରେ ହୋଇଛି ବଡ଼ ଧରଣର ଚୋରିୟ ଗୋଟିଏ ରାତିରେ କଲୋନୀର ୧୫ଟି ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛିୟ ପାଖାପାଖି ୪୦ ଲକ୍ଷ ଟଙ୍କାର ସୁନା ଗହଣା ସହ ୫ରୁ ୧୦ ଲକ୍ଷ ଟଙ୍କା ଚୋରି ହୋଇଥିବା କଲୋନୀ ବାସିନ୍ଦା ଅଭିଯୋଗ କରିଛନ୍ତି।

ଗତ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଶନିବାର ସକାଳେ ଘଟଣା ସଂପର୍କରେ ଜଣାପଡ଼ିଥିଲା। କାରଣ ପ୍ରାୟ ସମସ୍ତଙ୍କ ଘରର ମୁଖ୍ୟ ଦ୍ୱାର ଭଙ୍ଗା ଯାଇଥିଲା। ଏହି କଲୋନୀର କିଛି ବାସିନ୍ଦା ଛୁଟିରେ ଘରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ କଲୋନୀ ପଛ ପାର୍ଶ୍ୱରୁ ଆସି ଚୋରି କରିଥିଲେ। ଦୁର୍ବୃତ୍ତମାନେ ପାଚେରୀର କଣ୍ଟା ତାର କାଟି ୧୫ଟି ଘରର କବାଟକୁ କଟର ସାହାଯ୍ୟରେ କାଟି ସୁନା ଗହଣା ଓ ଟଙ୍କା ଚୋରି କରି ନେଇଥିଲେୟ ଘଟଣାସ୍ଥଳରେ କୋଇଡା ଥାନା ଅଧିକାରୀ ଓ ସାଇନ୍ଟଫିକ ଟିମ୍ ପହଞ୍ଚି ଯାଞ୍ଚ କରିଛନ୍ତି।

କଲୋନୀର ଅଞ୍ଜନ କୁମାର ମୁଦୁଲି କହିଛନ୍ତି, ପୂର୍ବରୁ ଏମିତି କେବେ ହୋଇ ନଥିଲା। ଆମେ ଭାବୁ ଏଇଟା ସବୁଠୁ ସୁରକ୍ଷିତ ସ୍ଥାନ। କିନ୍ତୁ ଚୋରି ହୋଇଛି। ମୋର ବି ସୁନା ଗହଣା ଓ ଟଙ୍କା ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ କରିଛୁୟ ପୁଲିସ୍ ଆସି ତଦନ୍ତ କରି ଯାଇଛି।

## ଟ୍ରମ୍ପଙ୍କୁ ଗୁଳି ମାଡ଼ କଲେ ୨୦ ବର୍ଷୀୟ ଯୁବକ

ୱାଶିଂଟନ,୧୪।୭(ନି.ପ୍ର.): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଗୋଟିଏ ନିର୍ବାଚନୀ ସଭାରେ ଗୁଳିମାଡ଼ ହୋଇଛି। ପେନସିଲଭେନିଆ ଠାରେ ଟ୍ରମ୍ପ ଗୋଟିଏ ସାଧାରଣ ସଭାକୁ ସମ୍ବୋଧନ କରୁଥିବା ବେଳେ ତାଙ୍କୁ ଗୁଳିମାଡ଼ ହୋଇଥିଲା। ଗୁଳିଟି ଟ୍ରମ୍ପଙ୍କ ଡାହାଣ ପଟ କାନରେ ମାଡ଼ ହୋଇଛି। ତେବେ ସେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏବେ ସେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।



ଗୁଳିମାଡ଼ କରିଥିବା ଯୁବକ ଜଣଙ୍କ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ପ୍ରାଣ ହରାଇଛି। ଏଫବିଆଇ ଘଟଣାର ତଦନ୍ତ କରୁଥିବା ବେଳେ ଟ୍ରମ୍ପଙ୍କୁ ଗୁଳି କରିଥିବା ଯୁବକଙ୍କ ପରିଚୟ ମିଳିଛି। ଆକ୍ରମଣକାରୀ ଜଣଙ୍କ ହେଉଛନ୍ତି ସେହି ପେନସିଲଭେନିଆର ୨୦ ବର୍ଷୀୟ ଥୋମାସ ମାଥ୍ୟୁ କ୍ରୁକ୍ସ। ସେ ଟ୍ରମ୍ପଙ୍କ ରାଜନୀତିକ ଦଳ ରିପବ୍ଲିକାନର ସଦସ୍ୟ। ସେ ଦଳରେ ନିଜର ପଞ୍ଜୀକରଣ ମଧ୍ୟ କରିଛନ୍ତି। କିନ୍ତୁ ସେ କ'ଣ ପାଇଁ ଟ୍ରମ୍ପଙ୍କ ଉପରକୁ ଗୁଳିମାଡ଼ କଲେ, ସେକଥା ଜଣାପଡ଼ିନି। ସ୍ଥାନୀୟ ସରକାରୀ ଓକିଲ ରିଚ୍ଚର୍ଡ ଗୋଲ୍ଡିଙ୍ଗର କହିଛନ୍ତି, ଆକ୍ରମଣକାରୀ ଜଣଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ପଡ଼ିଆରେ ରହିଥିଲେ। ପଡ଼ିଆ ବାହାରେ ଥିବା ଗୋଟିଏ ଉତ୍ପାଦନ କେନ୍ଦ୍ରର ଛାତ ଉପରେ ସେ ରହି ଟ୍ରମ୍ପଙ୍କୁ ଟାର୍ଗେଟ କରିଥିଲେ। ଉକ୍ତ ସ୍ଥାନଟି ଟ୍ରମ୍ପ ଭାଷଣ ଦେଉଥିବା ଷ୍ଟେଜ ଠାରୁ ୧୩୦ ୟାର୍ଡ ଦୂର। ଖୋଲା ମଞ୍ଚରେ ଟ୍ରମ୍ପ ଭାଷଣ ଦେଉଥିବାରୁ ଆକ୍ରମଣକାରୀ ଜଣଙ୍କ ଅତି ସହଜରେ ଟାର୍ଗେଟ ସେଟ କରିବାକୁ ସକ୍ଷମ ହୋଇଥିଲେ ବୋଲି ସେ କହିଛନ୍ତି। ଏଫବିଆଇର ପିଟ୍ସବର୍ଗ ଫିଲ୍ଡ ଅଫିସ ଇନଚାର୍ଜ କେଭିନ ରୋଜେକଙ୍କ କହିବା କଥା ଯେ ଆକ୍ରମଣକାରୀଙ୍କ ପରିଚୟ ମିଳିଥିଲେ ହେଁ ଗୁଳିମାଡ଼ର କାରଣ ଜଣାପଡ଼ିନି। ଘଟଣାସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।କିନ୍ତୁ ଏବେ ଆଉ ଗୁଳିମାଡ଼ର ଭୟ ନାହିଁ। ଆକ୍ରମଣକାରୀ ଜଣଙ୍କ କେମିତି ଛାତକୁ ଗଲେ, ତାହା ହିଁ ତଦନ୍ତ ସାପେକ୍ଷ। ରାଲିରେ ଥିବା ଜଣେ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ପାଲଟା ଆକ୍ରମଣରେ ଶୁଟର ଜଣଙ୍କ ନିହତ ହୋଇଛନ୍ତି।

ଆଜି ଟ୍ରମ୍ପ ଏକ ରାଲିକୁ ସମ୍ବୋଧିତ କରୁଥିବା ବେଳେ ହଠାତ ତାଙ୍କ ଉପରକୁ ଗୁଳି ଚଳାଯାଇଥିଲା। ସେ ଭାଷଣ ଆରମ୍ଭ କରିବାର ପ୍ରାୟ ୫/୭ ମିନିଟ ପରେ ଏହି ଘଟଣା ଘଟିଥିଲା। ଗୁଳିମାଡ଼ ପରେ ପରେ ଟ୍ରମ୍ପ ତାଙ୍କ ଡାହାଣ କାନ ଉପରେ ହାତ ରଖି ଆଣ୍ଠୁ ମାଡ଼ି ତଳେ ବସି ପଡ଼ିଥିଲେ। ଏହା ପରେ ସଙ୍ଗେ ସଙ୍ଗେ ସୁରକ୍ଷାକର୍ମୀମାନେ ତାଙ୍କୁ ଘେରି ଯାଇଥିଲେ। ପୂରା ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ ଗାଡ଼ିକୁ ନିଆଯାଇଥିଲା। ଏହି ଘଟଣାକୁ ଉଭୟ ରିପବ୍ଲିକାନ୍ ଓ ଡେମୋକ୍ରେଟିକ୍ ପାର୍ଟି ପକ୍ଷରୁ ନିନ୍ଦା କରାଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଆମେରିକାରେ ଏଭଳି ହିଂସାକାଣ୍ଡର କୌଣସି ସ୍ଥାନ ନାହିଁ। ଆମେ ସମସ୍ତେ ଏକାଠି ହୋଇ ଏହାର ନିନ୍ଦା କରିବା।

# 'ମନ୍ଥନ'ର ଡିଜିଟାଲ ଚ୍ୟାନେଲ ଓ ୱେବ୍ ପୋର୍ଟାଲ ଉନ୍ମୋଚିତ






ଭୁବନେଶ୍ୱର,୧୪।୭(ନି.ପ୍ର.): ସାରା ଓଡ଼ିଶାରେ ଦୀର୍ଘ ୨୮ ବର୍ଷ ଧରି ଲୋକଙ୍କ ବିଶ୍ୱାସ ଓ ଭରସା ବଜାୟ ରଖିଥିବା ଦୈନିକ ସମ୍ବାଦପତ୍ର 'ମନ୍ଥନ'ର ଡିଜିଟାଲ ଚ୍ୟାନେଲ ଓ ୱେବ୍ ପୋର୍ଟାଲର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମନ୍ଥନ ର ମୁଖ୍ୟ ସମ୍ପାଦକ ତଥା ପୃଷ୍ଠପୋଷକ ଶରତ ରାଉତଙ୍କ ତତ୍ତ୍ୱାବଧାନରେ ଏହି ଉନ୍ମୋଚନ ଉତ୍ସବରେ ସାରା ରାଜ୍ୟର ସମସ୍ତ ଜିଲ୍ଲାରୁ ବିଭିନ୍ନ ସାମ୍ବାଦିକ ମାନେ ଯୋଗଦାନ କରି ଏହାକୁ ସଫଳ କରିଥିଲେ। ବର୍ତ୍ତମାନ ସମୟରେ ୱେବ୍ ପୋର୍ଟାଲର ପ୍ରଭାବ ବୃଦ୍ଧି ପାଉଛି , ତେଣୁ ଏକ ଭରସାଯୋଗ୍ୟ ଗଣମାଧ୍ୟମ ହିସାବରେ ଲୋକଙ୍କୁ ୨୮ ବର୍ଷ ସେବା ଦେବା ପରେ ଏବେ ଡିଜିଟାଲ ପ୍ଲାଟଫର୍ମ ରେ ପ୍ରବେଶ କରିବାକୁ ଯାଉଛି। ଏହି ଅବସରରେ ଲୋଗୋ, ଜର୍ସି ଓ ବୁମ୍ ଲୋକାର୍ପିତ ହୋଇଛି।

ଆଜି ସକାଳ ୧୦ ଘଟିକା ସମୟରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ରବି ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାଂପ୍ରତିକ ସମାଜରେ ଡିଜିଟାଲ ଗଣମାଧ୍ୟମର ଗୁରୁ ଆରୋପ କରିଥିଲେ। ୨୮ ବର୍ଷ ଧରି ସାପ୍ତାହିକ ଓ ଦୀର୍ଘ ୧୫ ବର୍ଷ ଧରି ଦୈନିକ ଖବରକାଗଜ ହିସାବରେ ମନ୍ଥନ ତାର କର୍ତ୍ତବ୍ୟ ସଠିକ୍ ରୂପେ ସଂପାଦନ କରିବା ସହ ଗଣ ବା ଲୋକଙ୍କର ସଚ୍ଚା ମାଧ୍ୟମ ପାଲଟିଛି।

ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ 'ମନ୍ଥନ' କୁ ଆଗାମୀ ନୂଆ ପୋର୍ଟାଲ ପାଇଁ ଶୁଭେଚ୍ଛା ଜଣାଇବା ସହ ସାମ୍ବାଦିକ ବୃତ୍ତି ଉପରେ ଆଲୋକପାତ କରିଥିଲେ।

ଅନ୍ୟତମ ଅତିଥି ତଥା ବିଧାୟକ ଅନନ୍ତ ନାରାୟଣ ଜେନା 'ମନ୍ଥନ'କୁ ତାର ଆଗାମୀ ଦିନ ପାଇଁ ଶୁଭେଚ୍ଛା ଜଣାଇବା ସହ ଲୋକଙ୍କ ପାଖରେ ଭରଷା ବଜାୟ ରଖିବାକୁ ଆଶାପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ଅଧ୍ୟାପକ ବିଶ୍ୱରଂଜନ, ସମାଜସେବୀ ଦିପ୍ତିରେଖା ପଟ୍ଟନାୟକ, ସମାଜସେବୀ ବାପୁ ଓଝା, ସମାଜସେବୀ ରବି ମହାରଣା, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ବିଜେପି ନେତା କେଶବ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ କିଶୋର ମଙ୍ଗରାଜ, ଦୂରଦର୍ଶନର ବରିଷ୍ଠ ସଂଋଳକ ଦେବବ୍ରତ ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ରାଉତ, କବି କେଦାର ମିଶ୍ର, ବିଜେଡ଼ି ନେତା ମାନସ ବସ୍ତିଆ, ବରିଷ୍ଠ ଆଇନଜୀବି ସୁମନ୍ତ ସ୍ୱାଇଁ, ସ୍ତମ୍ଭକାର ରଙ୍ଗାଚରଣ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅଜିତ ରଥ ଯୋଗଦେଇ ନିଜର ମତ ରଖିଥିଲେ।

ଏହି କାର୍ଯ୍ୟକ୍ରମକୁ ମନ୍ଥନ ୱେବ୍ ପୋର୍ଟାଲର ମୁଖ୍ୟ ସମ୍ପାଦକ ସତ୍ୟଜିତ ମହାପାତ୍ର ପରିଋଳନା କରିଥିବାବେଳେ ବରିଷ୍ଠ ସାମ୍ବାଦିକ ସତ୍ୟବାଦୀ ନାୟକ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାରୁ ବହୁ ସାମ୍ବାଦିକ, ଶୁଭେଚ୍ଛୁ ଓ ସହଯୋଗୀମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।



# ରାଜ୍ୟପାଳଙ୍କ ପୁଅ ଏ.ଏସ.ଓ ବୈକୁଣ୍ଠ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ରାଜଭବନ ଘେରାଉ

ଭୁବନେଶ୍ୱର ୧୪।୭: ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ପୁଅ ଏ.ଏସ.ଓ ବୈକୁଣ୍ଠ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ରାଜଭବନ ଘେରାଉ କରାଯାଇଥିଲା। ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର କର୍ମୀମାନେ ଭୁବନେଶ୍ୱର କ୍ଲବ ଠାରୁ ଏକ ର୍‍ୟାଲିରେ ରାଜଭବନ ଆଡ଼କୁ ମାଡ଼ିଯାଉଥିବା ବେଳେ ରାସ୍ତାରେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ପ୍ରାୟ ଏକ ଘଂଟା ଧରି ରାସ୍ତା ଅବରୋଧ କରାଯାଇଥିଲା। ଏହାପରେ ପୋଲିସ ୟାସିର ନୱାଜ, ରଣଜିତ ପାତ୍ର ଓ ଅନ୍ୟାନ୍ୟ ଛାତ୍ର ଓ ଯୁବ କଂଗ୍ରେସ କର୍ମୀଙ୍କୁ ସେଠାରୁ ଉଠାଇ ନେଇ ଅଟକ ରଖିଥିଲେ।



ଏହି ପରପ୍ରେକ୍ଷୀରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ତଥା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ପୁତ୍ର ଲଳିତ କୁମାର ଏବଂ ତାଙ୍କର ୫ଜଣ ଝାଡ଼ଖଣ୍ଡି ସହଯୋଗୀ ଗତ ୭ ଜୁଲାଇ ରାତିରେ ପୁରୀ ରାଜଭବନରେ କାର୍ଯ୍ୟରତ ଏ.ଏସ. ଓ. ବୈକୁଣ୍ଠ ପ୍ରଧାନଙ୍କୁ ଯେଉଁଭଳି ଭାବରେ ମରଣାନ୍ତକ ଆକ୍ରମଣ କରିଛନ୍ତି ଏହା ଦୁର୍ଭାଗ୍ୟଜନକ। ପୀଡ଼ିତ ତାଙ୍କର ଅଭିଯୋଗରେ ଲେଖିଛନ୍ତି ଯେ ତାଙ୍କୁ ରାତି ୧୧ ଟା ଠାରୁ ରାତି ୪ଟା ପର୍ଯ୍ୟନ୍ତ ବହୁ ଅକଥନୀୟ ନିର୍ଯ୍ୟାତନା ଦିଆଯାଇଥିଲା। ଲଳିତ ଏବଂ ତାଙ୍କର ୫ ଜଣ ସହଯୋଗୀଙ୍କ ଆକ୍ରମଣରୁ ରକ୍ଷା ପାଇବାପାଇଁ ସିଏ ଆନେକ୍ସ ରୁମରେ ଲୁଚି ପଡ଼ିଥିଲେ ମଧ ଲଳିତ କୁମାରଙ୍କର ଦୁଇଜଣ ପିଏସଓ ତାଙ୍କୁ ଟେକି ଟେକି ନେଇ ରାଜଭବନ ସ୍ଥିତ ୪ ନଂ ରୁମକୁ ନେଇଯାଇଥିଲେ ଯେଉଁଠାରେ ଭୋର ପର୍ଯ୍ୟନ୍ତ ତାଙ୍କୁ ଶାରୀରିକ ନିର୍ଯ୍ୟାତନା ଦିଆଯାଇଥିଲା। ଅନ୍ୟପକ୍ଷରେ ତାଙ୍କୁ ମାରିଦେଲେ କେହି ରକ୍ଷା କରିପାରିବେ ନାହିଁ ବୋଲି ଲଳିତ କୁମାର କହିଥିଲେ। ଜଣେ ଓଡ଼ିଆ ଅଫିସରଙ୍କୁ ଏଭଳି ନିର୍ଯ୍ୟାତନା ଦିଆଯିବାପରେ ଏବଂ ସେହି ଅଫିସର ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ଲିଖିତ ଆକାରରେ ଜଣାଇବା ପରେ ରାଜ୍ୟପାଳଙ୍କୁ ପୁତ୍ର ଏବଂ ଅନ୍ୟମାନେ ଏପର୍ଯ୍ୟନ୍ତ ଗିରଫ ନହେବା ଦୁର୍ଭାଗ୍ୟଜନକ। ଏହି ଘଟଣା ସମ୍ପର୍କରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ଜାଣି ମଧ ଏପର୍ଯ୍ୟନ୍ତ ନୀରବ ବସିଛନ୍ତି। ଯଦି ସରକାର ଦୁର୍ନୀତି ବା ଭ୍ରଷ୍ଟାଚାର କରନ୍ତି ବିରୋଧି ଦଳମାନେ ରାଜ୍ୟପାଳଙ୍କ ନିକଟରେ ଗୁହାରୀ କରିଥାନ୍ତି। ଏହି ଘଟଣାରେ ରାଜ୍ୟପାଳଙ୍କ ପୁଅ ଯେହେତୁ ମୁଖ୍ୟ ଆସାମୀ ତେବେ ରାଜ୍ୟପାଳ ପୁତ୍ର ମୋହରେ ଅନ୍ଧ ହୋଇଯିବେ ନା ଏ.ଏସ.ଓ. ବୈକୁଣ୍ଠ ପ୍ରଧାନଙ୍କୁ ନ୍ୟାୟ ଦେବେ ସେ କଥା ଓଡ଼ିଶାବାସୀ ଚାହିଁ ବସିଛନ୍ତି। ରକ୍ଷକ ଯଦି ଭକ୍ଷକ ସାଜେ ତେବେ ଆମେ କାହାକୁ ଗୁହାରି କରିବା ? ଯେଉଁମାନେ ଏବେ ଓଡ଼ିଆ ଅସ୍ମିତାର ଠିକାଦାରୀ କରୁଥିଲେ ଜଣେ ଓଡ଼ିଆ ଅଫିସରଙ୍କୁ ଅନ୍ୟାୟ ଭାବରେ ମରଣା'କ ଆକ୍ରମଣ ହୋଇଥିବା ସ୍ଥଳେ ସେମାନେ ନୀରବ ବସିଛନ୍ତି। ସଚିବାଳୟର କର୍ମଚାରୀ ସଂଘ ନିଜର ଜଣେ ସଭ୍ୟଙ୍କ ଉପରେ ଏପରି ଆକ୍ରମଣର ପ୍ରତିବାଦ କରିବା ଉଚିତ। ତୁରନ୍ତ ରାଜ୍ୟପାଳଙ୍କ ପୁଅ ଏବଂ ତାଙ୍କର ସହଯୋଗୀ ମାନେ ଗିରଫ ହେବା ସହ ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବାକୁ ଆମେ ଦାବି କରୁଛୁ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଣଜିତ ପାତ୍ର କହିଛଁ ଯେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ବୈକୁଣ୍ଠ ନାଥ ପ୍ରଧାନଙ୍କର ଲିଖିତ ଅଭିଯୋଗ ପାଇ ମଧ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଛନ୍ତି। ଏ ରାଜ୍ୟରେ ଦୁଇଟି ଆଇନ ଚାଲିଛି। ଗୋଟିଏ ସାଧାରଣ ଜନତାଙ୍କ ପାଇଁ ଏବଂ ଅନ୍ୟଟି କ୍ଷମତାଶାଳୀ ଲୋକଙ୍କ ପାଇଁ। ପଣ୍ଡିତ ପୁଅ ମାଙ୍କ ମାରିଲେ ଦୋଷ ନାହିଁ। ଏଣୁ ଓଡ଼ିଶାର ବିଜେପି ସରକାର ଏ.ଏସ.ଓ. ବୈକୁଣ୍ଠ ପ୍ରଧାନଙ୍କୁ ଏପର୍ଯ୍ୟନ୍ତ ନ୍ୟାୟଦେବା ସମ୍ପର୍କରେ ଗୋଟିଏ ଶବ୍ଦବି କହିନାହାନ୍ତି। ରାଜ୍ୟପାଳଙ୍କ ପୁଅକୁ ଘଂଟ ଘୋଡାଇବାପାଇଁ ଚେଷ୍ଟା କରାଯାଉଛି। ମାତ୍ର ବୈକୁଣ୍ଠ ପ୍ରଧାନ ନ୍ୟାୟ ନପାଇବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ଆନ୍ଦୋଳନ ଜାରି ରଖିବ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, କିରଣ ସାହୁ, ଗଣେଶ ଦାସ, ରଜନୀ ମହାନ୍ତି, ଉଦିତ ପ୍ରଧାନ, ବିଭୁ ପ୍ରସାଦ ଜେନା, ମହମ୍ମଦ ପରଭେଜ, ସୁରଜ ରାଉତ, ବିଶ୍ୱଜିତ ସ୍ୱାଇଁ, ସନ୍ଦୀପ ରାଉତରାୟ, ସ୍ୱନ୍ଦନ ସ୍ୱାଇଁ, ସାଗର ପଟ୍ଟନାୟକ, ରାଜେଶ ଦାଶ, ନିଆଜୁଲ ଇସଲାମ, ଅନୁୱର ଖାନ, ସୌମ୍ୟ ବରାଳ, ବାଦଲ ନାୟକ, ସୁବାସ ସିଂ, ସତ୍ୟନାରାୟଣ ପଟ୍ଟନାୟକ, ମହମ୍ମଦ ମୁନୱର, ଯୁବରାଜ ମହାନ୍ତି, ସରୋଜ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶ୍ରୀ ବିରଜା ସେବା ସମିତି ପକ୍ଷରୁ ଗଣ ବ୍ରତୋପନୟନ ଅନୁଷ୍ଠିତ



ଯାଜପୁର,୧୪।୭: ଯାଜପୁରର ଶ୍ରୀ ବିରଜା ସେବା ସମିତି ତରଫରୁ ଆର୍ଥିକ ଅନଗ୍ରସର ବ୍ରାହ୍ମଣ ପିଲାଙ୍କର ଗଣ ବ୍ରତୋପନୟନ ମା'ବିରଜାଙ୍କର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱମ୍ବର ମିଶ୍ର, ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ବ୍ରହ୍ମାନନ୍ଦ ସ୍ୱାଇଁ, ଯୁଗ୍ମ ସଂପାଦକ ବୃନ୍ଦାବନ ମିଶ୍ର, ଜଗତ ନାୟକ, ଭରତ କୁମାର ସାହୁ ଅଶୋକ କୁମାର ପାଣି, ବୃନ୍ଦାବନ ସ୍ୱାଇଁ, ଲିଙ୍ଗରାଜ ମିଶ୍ର ବ୍ରତଘରର ଦାୟିତ୍ୱ ବହନ କରିଥିଲେ। ପୁରୋଧା ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଶଚିକାନ୍ତ ଶତପଥୀ, ସୂର୍ଯ୍ୟମଣି ଦିକ୍ଷିତ, ରମେଶ ଚନ୍ଦ୍ର ରଥ, ସୁକାନ୍ତ ପଣ୍ଡା, ସୁକାନ୍ତ ଶତପଥୀ ବ୍ରତବେଦୀରେ ଉପନୟନ କର୍ମ କରିଥିଲେ। ଏହି ବ୍ରତୋପନୟନରେ ବରିଷ୍ଠ ସଭ୍ୟ ବସନ୍ତ କୁମାର ଦାଶ, ନୃସିଂହ ଚରଣ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ବନବିହାରୀ ମହାପାତ୍ର, ବିଷ୍ଣୁ ଚରଣ ବିହାରୀ, କହ୍ନାଇ ଚରଣ ମହାନ୍ତି, କୋଷାଧକ୍ଷ ହରିହର ବେହେରା, ପୂର୍ବତନ କୋଷାଧକ୍ଷ ସୁବାଷ ଚନ୍ଦ୍ର ମହାନ୍ତି, ଯୁଗ୍ମ ସଂପାଦକ ସୁବାଷ ଚନ୍ଦ୍ର ମହାପାତ୍ର, ନିର୍ମଳ ଚନ୍ଦ୍ର ମହାନ୍ତି, ମଧୁସୂଦନ ମହାନ୍ତି, ବିରେନ୍ଦ୍ର କୁମାର ମହାନ୍ତି, ବ୍ରଜକିଶୋର ମହାନ୍ତି, ଗଦାଧର ରାଉତ, ଧନଞ୍ଜୟ କେଶରୀ ରାଉତରାଏ, ରବି ଶତପଥୀ, ସଭ୍ୟ ଜଗନ୍ନାଥ ସାହୁଙ୍କ ପୁତ୍ର ଧରଣୀଧର ସାହୁ, ଶ୍ରୀନାଥ ମହାନ୍ତି, ମିହିର ରଞ୍ଜନ ନାୟକ, ନୃସିଂହ ଚରଣ ଜେନା, ଅଜିତ୍ ନାୟକ, ହିମାଂଶୁ ଭୂଷଣ ନନ୍ଦ, ବିଜୟ ପଣ୍ଡା, ଚିତରଂଜନ ନାୟକ, ଅଧିକାରୀ ନବକିଶୋର ଦାସ, ସ୍ନେହଲତା ପଣ୍ଡା, ଉପେନ୍ଦ୍ର କୁମାର ସ୍ୱାଇଁ, ସୀତାରାମ ମହାପାତ୍ର, ସୁଜିତ୍ କୁମାର ନାଥ, ଅକ୍ଷୟ କୁମାର ସାହୁ, ଅଜିତ୍ ସାମନ୍ତ, ଶ୍ରୀନିବାସ ତ୍ରିପାଠୀ, କିଶୋର କୁମାର ଦାଶ, କାନନବାଳା ଜେନା, ମନୋଜା ମଞ୍ଜରୀ ରାୟ, ବିଭୁଆଶିଷ ମହାନ୍ତି, ମଳୟ ପଣ୍ଡା, ସୁଧାରଞ୍ଜନ ପଣ୍ଡା, ପ୍ରଭାତ କୁମାର ପତି, ଆନନ୍ଦ ଚନ୍ଦ୍ର ସାହୁ, ସାମ୍ବାଦିକ ଦେବୀ ପ୍ରସାଦ ପାଣି, ସାମ୍ବାଦିକ ବିରଜା ପ୍ରସାଦ ପାଣି ପ୍ରମୁଖ ସହଯୋଗ କରିଥିଲେ।

# ଯାଜପୁର ରୋଡ଼ ଧାମରା ନୂତନ ରେଳପଥ ସବିଶେଷ ପ୍ରକଳ୍ପ ତଥ୍ୟ ଖୁବ୍ ଶୀଘ୍ର ଦିଆଯିବ

ଯାଜପୁର,୧୪।୭: ଯାଜପୁର ରୋଡ଼ ଧାମରା ଭାୟା ବିରଜାକ୍ଷେତ୍ର ଓ ଆରଡ଼ି କ୍ଷେତ୍ର ନୂତନ ପ୍ରକଳ୍ପ ତଥ୍ୟ (ଡି.ପି.ଆର) ଖୁବ୍ ଶୀଘ୍ର ରେଳମନ୍ତ୍ରଣାଳୟକୁ ଦିଆଯିବ ବୋଲି ଆଜି ପୂର୍ବତନ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୁଆଲ ଯାଜପୁର ରୋଡ଼ ଧାମରା ରେଳପଥ ସଂଗ୍ରାମ ପରିଷଦ ପ୍ରତିନିଧି ଦଳକୁ କହିଛନ୍ତି। ଆଜି ମଧ୍ୟାହ୍ନରେ ଯାଜପୁର ରୋଡ଼ ଧାମରା ରେଳପଥ ସଂଗ୍ରାମ ପରିଷଦ ଅଧକ୍ଷ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳି ପୂର୍ବତଟ ରେଳପଥ ମହାପ୍ରବନ୍ଧଙ୍କୁ ଭେଟି ଯାଜପୁର ରୋଡ଼ ଧାମରା ନୂତନ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ପାଇଁ ଏବଂ ରେଳପଥର ପ୍ରକଳ୍ପର ସବିଶେଷ ତଥ୍ୟ (ଡ଼ି.ପି.ଆର) ଚଳିତ ମାସ ୧୫ ତାରିଖରେ ରେଲୱେ ବୋର୍ଡ଼ ଓ ମନ୍ତ୍ରଣାଳୟକୁ ପଠାଇବା ପାଇଁ ଦାବୀ କରିଥିଲେ। ଏ ରେଳପଥ ନିର୍ମାଣ ହେଲେ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ସାରାଭାରତରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଭାରତ ବିଖ୍ୟାତ ନାଭିଗୟା, ପ୍ରସିଦ୍ଧଶକ୍ତି ପୀଠ ମା ବିରଜା, ଶୈବପୀଠ ଆଖଣ୍ଡଳମଣି, ମା'ଧାମରାଇ, ବିଶ୍ୱ ପ୍ରସିଦ୍ଧ ଭିତରକନିକା କୁମ୍ଭୀର ଅଭୟାରଣ୍ୟ ଦେଖିବାକୁ ସୁଯୋଗ ପାଇବେ। କେନ୍ଦ୍ରାପଡ଼ା, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ଯାଜପୁର ଅଂଚଳକୁ କ୍ରୋମାଇଟ୍, ଆଇରନ୍ ଓ ମାଙ୍ଗାନିଜ୍ ନିକେଲ ଏହି ରାସ୍ତାରେ କମ୍ ସମୟରେ କମ୍ ଖର୍ଚ୍ଚରେ ପରିବହନ ହୋଇପାରିବ। କଳିଙ୍ଗ ନଗର ଓ ନାଲ୍‌କରୁ ଉତ୍ପାଦିତ ଓ ଖଣିଜ ପଦାର୍ଥରୁ ଉତ୍ପାଦିତ ରପ୍ତାନି ପାଇଁ ପରିବହନ ସହଜ ସାପେକ୍ଷ ହୋଇପାରିବ। ଅନ୍ୟପକ୍ଷରେ ଚନ୍ଦବାଲି, ଧାମରା, ଦଶରଥପୁର, ବିଞ୍ଝାରପୁର, ବରୀ ବନ୍ୟା ପ୍ରପିଡ଼ିତ ଅଂଚଳରୁ ଲୋକମାନଙ୍କ ପାଇଁ ଯାତାୟତ ବା ବନ୍ୟା ସମୟରେ କାର୍ଯ୍ୟ ସହାୟକ ହୋଇପାରିବ। ଅନ୍ୟପକ୍ଷରେ ଯାଜପୁରରୋଡ଼, ଧାମରା ରେଳପଥ ସଂଗ୍ରାମ ପରିଷଦର ମୁଖ୍ୟ ସଂଯୋଜକ ପଦ୍ମାକର ଗୁରୁ, ଆବାହକ ସନ୍ତୋଷ ନନ୍ଦ, ଉପସଭାପତି- ମନୋଜ ବିଶ୍ୱାଳ, କାର୍ଯ୍ୟକାରୀ ସଭ୍ୟ ମଦନ ମୋହନ ଧଳ, ହୃଷିକେଶ ପତି ଏବଂ ରେଳପଥର ମହାପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନା ସମୟରେ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ ତାଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ ଯାଜପୁର ଧାମରା ରେଲୱେ ସଂପର୍କରେ ଆଲୋଚନା ସମ୍ବଳିତ ଦୁଇଟି ପୁସ୍ତକ (ଦ ଭଏସ୍ ଅଫ୍ ଓଡ଼ିଶା ଇନ୍ ପାର୍ଲିଆମେଂଟ ଆଣ୍ଡ ଦ ଭଏସ୍ ଅଫ୍ ଲେବର ଇନ୍ ପାର୍ଲିଆମେଂଟ) ପୂର୍ବତଟ ରେଲୱେ ମହାପ୍ରବନ୍ଧକଙ୍କୁ ପ୍ରଦାନ କରିଥିଲେ।

## କେନ୍ଦ୍ରାପଡା କଲେଜରୁ ଏସି ଚୋରି ଘଟଣା

# ଏସପିଙ୍କ ପ୍ରତିନିଧି ଡିଏସପିଙ୍କ ଦାବି ପୁରଣ ପାଇଁ ପ୍ରତିଶୃତି ପରେ ସ୍ଥଗିତ ରହିଲା ଧାରଣା

କେନ୍ଦ୍ରାପଡ଼ା, ୧୪।୭: କେନ୍ଦ୍ରାପଡା ମହାବିଦ୍ୟାଳୟରୁ ଏସି ଚୋରି ଘଟଣାର ମାଷ୍ଟରମାଇଣ୍ଡ ଅଧାପକଙ୍କ ଗିରଫ ଓ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଯିବା ଦାବିରେ ଟାଉନ ଥାନା ସମ୍ମୁଖରେ ବିଗତ ୫ଦିନ ଧରି ଧାରଣାରତ ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ଆଜି ଅପରାହ୍ନରେ ଦାବି ପୁରଣର ପ୍ରତିଶୃତି ପାଇବା ପରେ ଧାରଣାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯିବା ଘୋଷଣା କରିଛନ୍ତି। ଆଜି ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପୋଲିସ ମୁଖ୍ୟାଳୟର ଡିଏସପି ସରିତା ମହାପାତ୍ର ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀ ପୁରାତନ ଛାତ୍ର ଚିତ୍ତରଞ୍ଜନ ଦାସ, ଭାଗିରଥୀ ଜେନା, ଗୟାଧର ଧଳ, ମୀର ମୁର୍ସିଦ୍ଦ ପ୍ରମୁଖଙ୍କ ସହ ଆଲୋଚନା କରିବା ପରେ ଦାବି ସମ୍ପର୍କରେ ଆରକ୍ଷୀ ଅଧିକ୍ଷକଙ୍କ ସହ କଥା ହୋଇଥିଲେ। ଏହି ଘଟଣାର ତଦନ୍ତ ପୋଲିସ ମୁଖ୍ୟାଳୟରେ ଥିବା ଜଣେ ଇନିସପେକ୍ଟର ପାହ୍ୟାର ଅଧିକାରୀଙ୍କ ଦ୍ୱାରା କରାଯିବା, ପୁରାତନ ଛାତ୍ରମାନେ ଥାନାଧିକାରୀଙ୍କୁ ପ୍ରଦାନ କରିଥିବା ଲିଖିତ ଅଭିଯୋଗର ତଦନ୍ତ କରାଯିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବିପତ୍ରକୁ ରାଜ୍ୟ ପୋଲିସ ମୁଖ୍ୟଙ୍କୁ ପଠାଯିବ ବୋଲି ଡିଏସପି ଶ୍ରୀମତୀ ମହାପାତ୍ର ଏସପିଙ୍କ ପକ୍ଷରୁ ଧାରଣାକାରୀଙ୍କୁ ପ୍ରତିଶୃତି ଦେବାପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ଆଜିର ଧାରଣାରେ ପୁରାତନ ଛାତ୍ର ଚିତ୍ତରଞ୍ଜନ ଦାସ, ଆଦିକନ୍ଦ ରାଉଳ, ରମଣୀରଞ୍ଜନ ରାଉତରାୟ, ଭାଗିରଥୀ ଜେନା, ନିରଞ୍ଜନ ପରିଡା, ମୀର ମୁର୍ଶିଦ୍ଦ, ବିକାଶ ଚନ୍ଦ୍ର ବେଉରା, ଗୟାଧର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜନ୍ମଦିନରେ ୧୨୦ ଚାରା ରୋପଣ କଲେ ଛାତ୍ର

କେନ୍ଦ୍ରାପଡା,୧୪।୭: କେନ୍ଦ୍ରାପଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ବିକାଶ ରଞ୍ଜନ ସାହୁ ବିଦ୍ୟାଳୟ ପରିସରରେ ୧୨୦ ଟି ବୃକ୍ଷର ଚାରା ଲଗାଇ ବିଶ୍ୱତାପ ନିୟନ୍ତ୍ରଣର ବାର୍ତ୍ତା ଦେଇଛନ୍ତି। ନିଜର ଜନ୍ମଦିନକୁ ପରିବେଶର ସୁରକ୍ଷା ପାଇଁଉସେ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ପୃଥିବୀ ପୃଷ୍ଠରୁ ବ୍ୟାପକ ବୃକ୍ଷ କାଟି ନଷ୍ଟ କରାଯାଉଥିବାରୁ ବିଶ୍ୱ ତାପନ ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ଜଳବାୟୁରେ ପରିବର୍ତ୍ତନ ଘଟି ମାନବ ସମାଜ ପାଇଁ ବିପଦର କାରଣ ହେଉଛି। ଏବେ ଜଳବାୟୁ ପରିବର୍ତ୍ତନ ସତର୍କ ଘଣ୍ଟି ବଜାଇ ସାରିଛି। ତେଣୁ ଏବେଠାରୁ ଆମେ ସଚେତନ ହେବା ଜରୁରୀ। ପ୍ରତି ବ୍ୟକ୍ତି ନିଜ ଜନ୍ମ ଦିନରେ ଚାରା ରୋପଣ କରି ଏହାକୁ ମହାଦ୍ରୁମରେ ପରିଣତ କରିବା ପାଇଁ ଚେଷ୍ଟା କଲେ ପୁନର୍ବାର ଏକ ସୁନ୍ଦର ପୃଥିବୀ ଗଠନ ହୋଇ ପାରିବ ଓ ଆମର ଉତ୍ତର ପିଢି ସୁସ୍ଥ ଜୀବନ ଯାପନ କରିପାରିବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରଞ୍ଜନ ସାହୁଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ୫ ବର୍ଷରୁ ଉର୍ଦ୍ଧ୍ୱ ୧୮ ବର୍ଷ ପର୍ଯ୍ୟନ୍ତ ପ୍ରତିଭାବାନ ଶିଶୁ ମାନଙ୍କ ଠାରୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଶିଶୁ ପୁରସ୍କାର

ଯାଜପୁର,୧୪।୭: ଭାରତ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ୨୦୨୫ ବର୍ଷ ନିମନ୍ତେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଶିଶୁ ପୁରସ୍କାର ଚୟନ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଶିଶୁ ମାନଙ୍କର ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏବଂ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଦକ୍ଷତା ଓ ପାରଦର୍ଶିତାର ପରିସ୍ଫୁଟନ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ। ଶିଶୁ ମାନଙ୍କ ମଧ୍ୟରେ ଥିବା କ୍ରୀଡା, ସମାଜସେବା, ବିଜ୍ଞାନ ଏବଂ କାରିଗରୀ କୌଶଳ, କଳା ଓ ସଂସ୍କୃତି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୫ରୁ ଉର୍ଦ୍ଧ୍ୱ ୧୮ବର୍ଷ ପର୍ଯ୍ୟନ୍ତ ଶିଶୁ ମାନେ ବିଭାଗ ତରଫରୁ ପ୍ରଦତ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ରେ ଷଣ୍ଟଣ୍ଟକ୍ସ୍ଣ୍ଟ:// ବଙ୍ଗବକ୍ସୟଣ୍ଟ.ଶକ୍ଟଙ୍ଗ.ସଭ ପୋର୍ଟାଲ ରେ ତା ୩୧.୦୭.୨୦୨୪ରିଖ ସୁଦ୍ଧା ଆବେଦନ କରି ପାରିବେ। ଏହି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଶିଶୁ ପୁରସ୍କାର ୨୦୨୫ ଚୟନରେ ଉତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ନୂଆଦିଲ୍ଲୀ ଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଏଠାରେ ସୂଚନା ଯୋଗ୍ୟ ଯେ ଶିଶୁ/ପ୍ରାର୍ଥୀ ମାନଙ୍କର ଆବେଦନ କରିବାର ଯୋଗ୍ୟତା ବୟସ ତା୩୧.୦୭.୨୦୨୪ରିଖ (ଆବେଦନ କରିବାର ଶେଷ ତାରିଖ) ସୁଦ୍ଧା ୫ବର୍ଷରୁ ଉର୍ଦ୍ଧ୍ୱ ଏବଂ ୧୮ବର୍ଷ ମଧ୍ୟରେ କିମ୍ବା ୧୮ ବର୍ଷ ହୋଇଥିବା ବାଞ୍ଛନୀୟ। ସବିଶେଷ ବିବରଣୀ ଓ ସୂଚନା ନିମନ୍ତେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ମୋବାଇଲ ନମ୍ବର ୯୪୩୭୨୯୭୭୨୨କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରଙ୍କ ସହ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# କର୍ମଚାରୀ ଅଭାବରେ ସନ୍ତୁଳିତ ଭଞ୍ଜନଗର କୃଷି ଜିଲ୍ଲା

ଭଞ୍ଜନଗର,୧୪।୭: ଭଞ୍ଜନଗର, ବୁଗୁଡ଼ା, ଜଗନ୍ନାଥପ୍ରସାଦ ଓ ବେଲଗୁଣ୍ଠା ବ୍ଲକକୁ ନେଇ ଗଠିତ ଭଞ୍ଜନଗର କୃଷି ଜିଲ୍ଲା। କିନ୍ତୁ ସଂପ୍ରତି ଚାଷୀ ଙ୍କ ବିକାଶ କୁ ଆଗେଇ ନେବା ରେ ଭଞ୍ଜନଗର କୃଷି ଜିଲ୍ଲାରେ ପଛରେ ପଡିଛିୟ ମାନବସମ୍ବଳ ଅଭାବ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ସ୍ଥିତି ଏମିତି ହୋଇଛି ଯେ, କିଛି ଅଧିକାରୀଙ୍କ ଉପରେ ଏକାଧିକ ପଦର ଦାୟିତ୍ୱ ପଡ଼ିଛି। ଫଳରେ ଚାଷୀଙ୍କ ନିକଟରେ ଠିକ୍ ସମୟରେ ଠିକ୍ ସୂଚନା ପହଞ୍ଚିପାରୁନି। ଯାହା ଫଳରେ ବୈଜ୍ଞାନିକ ପରାମର୍ଶକୁ ଆଧାର କରି କ୍ଷେତରେ ସୁନାର ଫସଲ ଫଳାଇବାକୁ ଆଶା ବାନ୍ଧିଥିବା ଭଞ୍ଜନଗର କୃଷି ଜିଲ୍ଲାର ଚାଷୀକୁ ଭଗବାନଙ୍କ ଭରସାରେ ରହିବାକୁ ପଡୁଛି। ଏହି କାଯ୍ୟାଳୟ ଅଧୀନରେ ୯ଟି ସହକାରୀ କୃଷି ଅଧିକାରୀଙ୍କ ପଦବି ରହିଥିବା ବେଳେ ମାତ୍ର ୮ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଉଚ୍ଚଶିକ୍ଷା ପାଇଁ ଯାଇଛନ୍ତି। କୃଷି



ଓଭରସିୟର୍ ୫ଟି ପଦବି ରହିଥିବା ବେଳେ ବର୍ତ୍ତମାନ ୩ ଜଣ ଅଛନ୍ତି। ୨ ଜଣଙ୍କୁ ଅନ୍ୟ ବ୍ଲକକୁ ଡେପୁଟେସନରେ ପଠାଯାଇଛି। ଅନ୍ୟପକ୍ଷରେ ଗ୍ରାମ୍ୟ କୃଷି ଅଧିକାରୀ ୫୮ଟି ପଦବି ରହିଥିବା ବେଳେ ମାତ୍ର ୧୯ ଜଣ ରହିଛନ୍ତି। ବରିଷ୍ଠ ସହାୟକ ୩ଟି ପଦବିରୁ ଜଣେ ରହିଥିବା ବେଳେ ୨ଟି ଖାଲି ରହିଛି। ଜଣେ କନିଷ୍ଠ ସହାୟକ, ପିଅନ ୨ଟି ଏବଂ ରାତ୍ର ଜଗୁଆଳି ପଦବି ଖାଲି ପଡ଼ିଥିବା ଜଣାପଡ଼ିଛି। ଆଗକୁ ଖରିଫ୍ ଋତୁ ଥିବା ବେଳେ ଖୋଦ୍ କୃଷି ଜିଲ୍ଲା ଅଧିକାରୀଙ୍କ ଏଠାରୁ ବଦଳି ହୋଇଛି। ସେ ନୟାଗଡ଼ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ପଦୋନ୍ନତି ପାଇ ରିଲିଭ ହୋଇଛନ୍ତି। ତାଙ୍କ ସ୍ଥାନରେ ବେଲଗୁଣ୍ଠା ବ୍ଲକ୍ କୃଷି ଅଧିକାରୀ ଅଜିତ ମହାପାତ୍ର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବର୍ତ୍ତମାନ ଆତ୍ମାର ମଧ ଜିଲ୍ଲା ଡେପୁଟି ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଆଉ ଆଗକୁ ତିନିଟି ଯାକ ଦାୟିତ୍ୱ କିଭଳି ସଂପନ୍ନ କରିବେ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ବେଲଗୁଣ୍ଠାକୁ ବାଦ୍ ଦେଲେ ଅନ୍ୟ ତିନିଟି ବ୍ଲକ୍ରେ କୃଷି ଅଧିକାରୀ ପଦବିରେ କେହି ନାହାନ୍ତିୟ କୃଷକର ବିକାଶ ଓ କୃଷି ସଂପର୍କିତ ଯୋଜନାକୁ ତୃଣମୂଳସ୍ତରରେ ସଫଳ କାର୍ଯ୍ୟକାରୀ ପାଇଁ କୃଷି ବିଭାଗର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଖରିଫ୍ ଋତୁ ସମୟରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ସରକାରୀ ଯୋଜନା ବିଷୟରେ ସଚେତନ କରିବା ସହ ବିହନ ଯୋଗାଣ ଠାରୁ ଆରମ୍ଭ କରି ସାର ବଣ୍ଟନ, ରୋଗପୋକ ନିରାକରଣ ସର୍ବେକ୍ଷଣ, କୀଟନାଶକ ଔଷଧ ଯୋଗାଣ, ମୃତ୍ତିକା ନମୁନା ସଂଗ୍ରହ, ପରୀକ୍ଷଣ ଏବଂ ଜଳବାୟୁକୁ ଦେଖି ଚାଷରେ ପରିବର୍ତ୍ତନ ବିଭିନ୍ନ ସରକାରୀ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ ଏହି ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ବର୍ତ୍ତମାନ ସମୟରେ ଖରିଫ୍ ଚାଷ କାମ ଆରମ୍ଭ ହୋଇ ସାରିଛି। ବିହନ ବୁଣି ସାରି ଚାଷୀ ବଡ଼ ବର୍ଷାକୁ ଅପେକ୍ଷା କରି ରହିଛିୟ ହେଲେ ଭଞ୍ଜନଗର କୃଷି ଜିଲ୍ଲାରେ କର୍ମଚାରୀ ମରୁଡ଼ି ଯୋଗୁ ଚାଷୀ ବୈଜ୍ଞାନିକ ପରାମର୍ଶ ପାଇବା ତ ଦୂରର କଥା ଆବଶ୍ୟକ ସୂଚନା ମଧ ପାଇ ପାରୁନି।

କୃଷି ବିଭାଗରେ କର୍ମଚାରୀ ଓ କୃଷି ଅଧିକାରୀଙ୍କ ସଙ୍କଟ ଯୋଗୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି। ଏହା ସହ ପିଏମ୍ କିଶାନ, କୃଷକ ପୋର୍ଟାଲ ଭଳି ବିଭିନ୍ନ କାର୍ଯ୍ୟ କୃଷି କର୍ମଚାରୀଙ୍କ ଉପରେ ନ୍ୟସ୍ତ ଥିବାରୁ ସେମାନେ ଚାଷୀଙ୍କୁ ସମୟ ଦେବାରେ ବିଳମ୍ବ ହେଉଛି। ଏଭଳି ସମସ୍ୟାର ପ୍ରତିକାର ପାଇଁ କାହାରି ଦୃଷ୍ଟି ପଡୁନଥିବା ବେଳେ ଭଗବାନଙ୍କ ଉପରେ ଭରସା କରି ଚାଷୀମାନଙ୍କୁ ରହିବାକୁ ପଡୁଛିୟ ତୁରନ୍ତ ରାଜ୍ୟ ସରକାର କର୍ମଚାରୀ ଅଭାବ ରେ ସନ୍ତୁଳିତ ହେଉଥିବା ଭଞ୍ଜନଗର କୃଷି ଜିଲ୍ଲା ଉପରେ ଗୁରୁତ୍ୱ ଦେବା ସହ ଆବଶ୍ୟକୀୟ ପଦବୀ ପୂରଣ କରିବାକୁ ଦାବି ହୋଇଛି।



# ପାରାଦୀପ ନଗର କଂଗ୍ରେସ୍ ସଭାପତି ହେଲେ କେଦାରନାଥ ବିଶ୍ୱାଳ

ପାରାଦୀପ, ୧୪।୭: ପାରାଦୀପ ନଗର କଂଗ୍ରେସ୍ ସଭାପତି ଭାବେ ଯୁବନେତା କେଦାରନାଥ ବିଶ୍ୱାଳଙ୍କୁ ରାଜ୍ୟ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି । ଏ ସମ୍ପର୍କରେ ଜିଲ୍ଲା ସଭାପତି ନଟବର ବାରିକଙ୍କୁ ପ୍ରଦେଶ କଂଗ୍ରେସ୍ ଉପସଭାପତି ଶିବାନନ୍ଦ ରାୟ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି । ଶ୍ରୀ ବିଶ୍ୱାଳ ପାରାଦୀପ ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି । ଛାତ୍ର କଂଗ୍ରେସରୁ ରାଜନୀତି ଆରମ୍ଭ କରିଥିବା ଶ୍ରୀ ବିଶ୍ୱାଳ କଂଗ୍ରେସ ଦଳ ସହିତ ସବୁ ବେଳେ ରହି ଆସିଛନ୍ତି । ଦୀର୍ଘ ବର୍ଷ ଧରି ସକ୍ରିୟ ରାଜନୀତିରେ ରହି ଆସିଥିବା ଶ୍ରୀ ବିଶ୍ୱାଳ ଗତ ସାଧାରଣ ନିର୍ବାଚନରେ ସକ୍ରିୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପାରାଦୀପରେ କଂଗ୍ରେସ୍ ଏବେ ଯେଉଁ କଠିନ ସମୟ ଦେଇ ଗତି କରୁଛି ତାହା ସମସ୍ତେ ଜାଣିଛନ୍ତି । ଏହି ସମୟରୁ ବାହାରି ଆଗକୁ ବଢିବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ପ୍ରକାଶଥାଉକି, ସାଧାରଣ ନିର୍ବାଚନ ପୂର୍ବରୁ ନଗର କଂଗ୍ରେସ୍ ସଭାପତି ଦାୟିତ୍ୱରେ ଥିବା ବାପି ସାର୍ଖେଲଙ୍କ ଏକାନ୍ତ ଅନୁଗତ ଅନୁପ କୁମାର ସାହାଣୀ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ । ଫଳରେ କଂଗ୍ରେସ୍ ପ୍ରାର୍ଥୀ ନିରଂଜନ ନାୟକ ପୁରୁଖା କଂଗ୍ରେସ୍ କର୍ମୀଙ୍କ ଭରସାରେ ନିର୍ବାଚନ ବୈତରଣୀ ପାର ହୋଇଥିଲେ । କେଦାରନାଥ ବିଶ୍ୱାଳ ନୂତନ ସଭାପତି ଭାବେ ଦାୟିତ୍ୱ ନେବା ପରେ କର୍ମୀ ମହଲରେ ଉତ୍ସାହ ଦେଖା ଦେଇଛି ।

# ସରକାରୀ ସିନିଅର ବେସିକ ଉନ୍ନିତ ହାଇସ୍କୁଲରେ ବ୍ଲକ ସ୍ତରୀୟ ପ୍ରେରଣା ମହୋତ୍ସବ

କେନ୍ଦ୍ରାପଡ଼ା, ୧୪।୭: କୁଶିଆପାଳସ୍ଥିତ ସରକାରୀ ସିନିଅର ବେସିକ ଉନ୍ନିତ ହାଇସ୍କୁଲରେ ବ୍ଲକ ସ୍ତରୀୟ ପ୍ରେରଣା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ପ୍ରେରଣା ମହୋତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଶୁଭାଲିନ ଜେନା ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକ ପ୍ରେରଣା ଉତ୍ସବର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ 'ଭାରତ ପାଇଁ ମୋର ଦୃଷ୍ଟିକୋଣ ଓ ବିକଶିତ ଭାରତ' ଶୀର୍ଷକ ବିଷୟ ଉପରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁ ମୂଲ୍ୟବାନ ତଥ୍ୟ ସମ୍ବଳିତ ବକ୍ତବ୍ୟ ରଖିଥିଲେ । ଆଗାମୀ



୨୦୪୭ମସିହା ସୁଦ୍ଧା ଆମ ଦେଶ ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବି.ଆର.ସି.ସି. ତଥା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦେବଦତ୍ତ ଶତପଥୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିକାନ୍ତ ତ୍ରିପାଠୀ, ପୂର୍ବତନ ନୋଡାଲ ପ୍ରଧାନ ଶିକ୍ଷକ ଗଗନବିହାରୀ ସୂତାର, ପୂର୍ବତନ ବି.ଆର.ସି.ସି. ତଥା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନରହରି ସୂତାର ପ୍ରମୁଖ ଯୋଗଦେଇ ପ୍ରେରଣା ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିଲି ବେହେରା, ରବୀନ୍ଦ୍ର କୁମାର ସିଂ, ତୁଳାରାମ ବାତ୍ରା, ରତିକାନ୍ତ ଜେନା, ଶୁଭସ୍ମିତା ଜେନା, ମଧୁସ୍ମିତା ମଲିକ, ସରସ୍ୱତୀ କୁଣ୍ଡ, ଅକ୍ଷୟ କୁମାର ପୋଥାଳ, ରଶ୍ମିତା ପାତ୍ର, ଲଳିତା ବେଉରା, ଅନ୍ନପୂର୍ଣ୍ଣା ସେଠୀ, ତାରିଣୀ ପ୍ରସାଦ ପଣ୍ଡା, ଅନିତା ଦାସ ପ୍ରମୁଖ ସହଯୋଗ କରିଥିଲେ । କୁଶିଆପାଳ କ୍ଲଷ୍ଟରର ସି.ଆର.ସି.ସି. ଅମିତା ବାଇ ଉତ୍ସବ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପୂର୍ବତନ ହିନ୍ଦୀ ଶିକ୍ଷକ ମହେଶ୍ୱର ସାହୁ ଏଥିରେ ସହାୟତା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ମିଲି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍ଗନୱାଡି କେନ୍ଦ୍ରରେ ରନ୍ଧାଖାଦ୍ୟକୁ ନେଇ କର୍ମୀଙ୍କ ବଢୁଛି ସମସ୍ୟା : ସରକାର ଦୃଷ୍ଟି ଦେବାକୁ ଦାବି

ମାହାଙ୍ଗା।୧୪।୭:: ରାଜ୍ୟରେ ଅଙ୍ଗନୱାଡି କେନ୍ଦ୍ର ଗୁଡିକର ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ବଜାରରେ ପନିପରିବାରଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ଦ୍ରବ୍ୟର ମୂଲ୍ୟବୃଦ୍ଧି ଯୋଗୁ ଅଙ୍ଗନୱାଡି କେନ୍ଦ୍ରରେ ରୋଷେଇ କରିବା ପାଇଁ କର୍ମୀମାନେ ସମସ୍ୟା ଭୋଗୁଛନ୍ତି । ସୂଚନାରୁ ଜଣାପଡିଛି ରେ ରାଜ୍ୟ ସରକାର ଜଣେ ଅଙ୍ଗନୱାଡି ପିଲାପିଛା ୮ଟଙ୍କା ପ୍ରଦାନ କରୁଛନ୍ତି । ଚାଉଳ ଓ ବାଟ ଖର୍ଚ୍ଚ ବାବଦ ୮୦ ପଇସା ଗଲା ପରେ ଟ.୭.୨୦ ପଇସା ରହିଲା । ସକାଳ ଜଳଖିଆ ପାଇଁ ଜଣକା ପିଛା ଟ.୧.୫୦ ଗଲା ପରେ ଅବଶିଷ୍ଟ ୫.୭୦ ପଇସା ରୋଷେଇ ବାବଦକୁ ରହିଲା । ସପ୍ତାହରେ ୫ ଦିନ ଅଣ୍ଡା ତରକାରୀ । ରାଜ୍ୟ ସରକାର ଗୋଟିଏ ଅଣ୍ଡା ପିଛା ୫ ଟଙ୍କା ଦେଉଛନ୍ତି । ବଜାରରେ ଅଣ୍ଡାର ମୂଲ୍ୟ ଗୋଟି ୮ ଟଙ୍କା ବିକ୍ରି କରାଯାଉଛି । ତେବେ ୫.୭୦ ପଇସାରେ ରୋଷେଇ ହେବ କିପରି ? ସୋମବାର ଦିନ ଭାତ ଡାଲମା, ଆଳୁକିଲୋ ୩୫ ଟଙ୍କା ଓ କଖାରୁ କିଲୋ ୪୦ ଟଙ୍କା, ବିଲାତି କିଲୋ ୮୦ ଟଙ୍କା, ଅଦା ୨୦୦ ଟଙ୍କା, ରସୁଣ ୨୦୦ ଟଙ୍କା ,ପିଆଜ ୪୦ଟଙ୍କା କିଲୋପ୍ରତି ବିକ୍ରି ହେଉଛି । ସରକାର ମସଲା ପାଇଁ ୧୩ ପଇସା ପ୍ରଦାନ କରୁଛନ୍ତି । ବଜାରରେ ଭଲ ରିଫାଇନ୍ ତେଲର ମୂଲ୍ୟ ଲିଟର ପିଛା ୧୧୫ ଟଙ୍କା ଥିଲା ବେଳେ ସରକାର ଦେଉଛନ୍ତି ୯୦ଟଙ୍କା । ସେହିପରି ହରଡ ଡାଲି କିଲୋ୧୭୦ ଟଙ୍କା ଥିଲା ବେଳେ ସରକାର ଦେଉଛନ୍ତି ୬୦ ଟଙ୍କା । ଅଟା କିଲୋ ୩୮ ଟଙ୍କା ସରକାର ଦେଉଛନ୍ତି ୨୫ ଟଙ୍କା, ବେସନ କିଲୋ ୧୧୦ ଟଙ୍କା, ସରକାର ଦେଉଛନ୍ତି ୬୫ ଟଙ୍କା, ଚିନି କିଲୋ ୪୪ ଟଙ୍କା, ଗୁଡ କିଲୋ ୫୦ ଟଙ୍କା ଥିଲା ବେଳେ ସରକାର ଦେଉଛନ୍ତି ୪୦ ଟଙ୍କା, ଚୁଡା କିଲୋ ୪୦ ଟଙ୍କା ଥିଲା ବେଳେ ସରକାର ଦେଉଛନ୍ତି ୩୦ ଟଙ୍କା, ଛଡା ବାଦମ କିଲୋ ୧୨୦ ଟଙ୍କା ଥିଲା ବେଳେ ସରକାର ଦେଉଛନ୍ତି ୭୫ ଟଙ୍କା, ମୁଗ କିଲୋ ୭୫ ଟଙ୍କା ଥିଲା ବେଳେ ସରକାର ଦେଉଛନ୍ତି ୫୫ ଟଙ୍କା । ତେବେ ରାଜ୍ୟ ସରକାର ଛୋଟ ଛୋଟ କୋମଳମତି ପିଲାଙ୍କୁ ଖାଇବାକୁ ଦେବା ନାମରେ ଭଣ୍ଡାଉଛନ୍ତି । ସକାଳ ଜଳଖିଆ ପଇସା ମିଶାଇଲେ ମଧ ରୋଷେଇ ପାଇଁ ଅର୍ଥ ନିଅଣ୍ଟ ହେଉଛି । ରୋଷେଇ କିଭଳି ହେବ ସେକଥା ଉଚ୍ଚ ପଦସ୍ଥ ଅଧିକାରୀ ଚିନ୍ତା କରୁନାହାଁନ୍ତି । ବଜାରର ମୂଲ୍ୟ ଅନୁସାରେ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ରୋଷେଇ ପାଇଁ ଆବଶକୀୟ ଅର୍ଥ ଯୋଗାଇ ଦେବାକୁ ଦାବି ହେଉଛି । ସେହିଭଳି ରାଜ୍ୟ ସରକାର ନିମ୍ନମାନର ମୋବାଇଲ ଅଙ୍ଗନୱାଡି କର୍ମୀଙ୍କୁ ଯୋଗାଇ ଦେଇଥିବାରୁ ତାହା କାର୍ଯ୍ୟରେ ଆସୁନାହିଁ । ଏଣୁ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ଭଦ୍ରେଶ୍ୱର ମନ୍ଦିରର ଆନନ୍ଦ ବଜାରରେ ପଡିଥିବା ଟାଇଲ ମାସକ ଭିତରେ ଉଠିଗଲାଣି : ତଦନ୍ତ ଦାବି

ମାହାଙ୍ଗା ୧୨.୭ : ମାହାଙ୍ଗା ବ୍ଲକର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ପୀଠରଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥିବା ଏବେ ସାଧାରଣରେ ଚର୍ଚ୍ଚା ହେଉଥିଲା ବେଳେ ମନ୍ଦିର ପରିସରରେ ଥିବା ଆନନ୍ଦ ବଜାରରେ ମାସକ ପୂର୍ବରୁ ପଡିଥିବା ଟାଇଲ ଗୁଡିକ ନିମ୍ନମାନର କାର୍ଯ୍ୟ ଯୋଗୁ ଉଠିଗଲାଣି । ଏପରିକି କେତେକ ସ୍ଥାନରେ ଟାଇଲ ପଡିନାହିଁ । ଏବେ ଆନନ୍ଦ ବଜାରରୁ ଟାଇଲ ଉଠିବାକୁ ନେଇ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି । ମନ୍ଦିରରେ ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି । କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ତୁରନ୍ତ ଏସଂପର୍କରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଥିଲା ବେଳେ ମାହାଙ୍ଗାର ବିଧାୟକ ଶାରଦା ପ୍ରଧାନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ସରକାରୀ ଜମି ଜବରଦଖଲ ଉଚ୍ଛେଦକୁ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ତ !

ମାହାଙ୍ଗା ୧୪।୭: ରାଜ୍ୟର ବିଭିନ୍ନ ରାଜସ୍ୱ ଗ୍ରାମ ଗୁଡିକରେ ଥିବା ସରକାରୀ କିସମ ଜମି ଏବେ ଜବରଦଖଲକାରୀଙ୍କ କବ୍ଜାରେ । ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଜମି ଜବରଦଖଲ ଉଚ୍ଛେଦକୁ ନେଇ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ନେଇ ଉଠିଛି ପ୍ରଶ୍ନବାଚୀ । ଏଠାରେ ସୂଚନାଯୋଗ୍ୟ ଯେ ମାହାଙ୍ଗା ବ୍ଲକର ଗୋଚର, ଗୋଦଣ୍ଡା, ଶ୍ମଶାନ ଏପରିକି ଗ୍ରାମ୍ୟ ଜଙ୍ଗଲ କିସମ ଜମିଗୁଡିକ ଉପରେ ଜବରଦଖଲକାରୀମାନେ ଦୀର୍ଘ ଦିନ ଧରି ରହିଛନ୍ତି । କେବଳ ସାଧାରଣ ଲୋକ ନୁହଁନ୍ତି, ସରକାରୀ ନିୟମକୁ ଆଖିଠାରମାରି ପଂଚାୟତର ଜନପ୍ରତିନିଧିମାନେ ବେଆଇନ ଭାବେ ରାଜୀବ ସେବାକେନ୍ଦ୍ର, ପଂଚାୟତ କାର୍ଯ୍ୟାଳୟ, ଗୋଦାମଘର, ମାର୍କେଟ କମ୍ପ୍ଲେକ୍ସ ଘରନିର୍ମାଣ କରିଥିଲା ବେଳେ ଗୋଚର ଓ ଶ୍ମଶାନ କିସମ ଜମି ଉପରେ ବି ପାନୀୟ ଳ ପ୍ରକଳ୍ପ ଓ ପାଣି ଟାଙ୍କି ନିର୍ମାଣ କରାଯାଇଛି । ଏହାଛଡା ଅଙ୍ଗନୱାଡି କେନ୍ଦ୍ର, ସ୍କୁଲଘର, କେତେକ ମହାବିଦ୍ୟାଳୟର ଗୃହ ମଧ୍ୟ ଗୋଚର କିସମ ଜମି ଉପରେ ରହିଛି । ସେଗୁଡିକୁ ରାଜ୍ୟ ସରକାର ହଟାଇ ପାରିବେ କି ବୋଲି ସର୍ବସାଧାରଣରେ ପ୍ରଶ୍ନ ଉଠୁଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପାଳନ କରାଯିବ ତ ! ଏପର୍ଯ୍ୟନ୍ତ ଜିଲ୍ଲାପାଳମାନେ ଉକ୍ତ ନିର୍ଦ୍ଦେଶକୁ ପାଳନ କରିନଥିବା ଚର୍ଚ୍ଚା ହେଉଛି । ଏପରିକି କୋର୍ଟ ନିର୍ଦ୍ଦେଶ ପରେ ଜବରଦଖଲ ଉଚ୍ଛେଦ କରାଯିବା ଓ ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନକୁ ପୁନର୍ବାର ଜବରଦଖଲକାରୀମାନେ ଜବରଦଖଲ କରିଥିବା ବେଳେ ତହସିଲ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ । ଏହାର ଉଦାହରଣ ହେଉଛି ମାହାଙ୍ଗା ବ୍ଲକର ଏରକଣା ବଜାର । ମାହାଙ୍ଗା ଅଂଚଳରେ କେତେ ସରକାରୀ ଜମି ଜବରଦଖଲକାରୀଙ୍କ ଅଧିନରେ ଅଛି ତେ ତଥ୍ୟ ବି ତହସିଲ ପ୍ରଶାସନ ଦେଉନାହିଁ । ଏଠାରେ ପ୍ରଶ୍ନଉଠୁଛି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଜିଲ୍ଲାପାଳମାନେ କେତେମାସ ଭିତରେ କାର୍ଯ୍ୟକାରୀ କରିବେ ତାହା ସର୍ବସାଧାରଣରେ ପ୍ରକାଶ କରାଯାଉ ।

# ଶିକ୍ଷାବିତ୍ ମହେନ୍ଦ୍ର କୁମାର ସିଂହଙ୍କ ଦ୍ୱିତୀୟ ଶ୍ରାଦ୍ଧ ଦିବସ ପାଳିତ

ମାହାଙ୍ଗା ୧୪।୭: ମାହାଙ୍ଗା ବ୍ଲକ ଅର୍ନ୍ତଗତ ଲଳିତଗିରି ପଂଚାୟତର ଲଳିତଗିରି ଠାରେ ମହେନ୍ଦ୍ର ସିଂହ ସ୍ମୃତିସଂସଦ ଆନୁକୂଲ୍ୟରେ ଶିକ୍ଷାବିତ୍ ମହେନ୍ଦ୍ର କୁମାର ସିଂହଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସଂସଦର ସଭାପତି ପ୍ରଫେସର ଡ.ଯୁଧିଷ୍ଠିର ଖଟୁଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମାହାଙ୍ଗା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସିଂହ, ଶିକ୍ଷାବିତ୍ ସତ୍ୟବ୍ରତ ପୁହାଣ, ସାମ୍ବାଦିକ ବିଜୟ କୁଅଁର, ଦିପ୍ତିରଂଜନ ଜେନା, କୃପାସିନ୍ଧୁ ସିଂହ, ମୋନାଲିସା ସିଂହ, କ୍ଷୀତିଶ୍ ସିଂହ, ସତିଶ୍ ସିଂହ, ଅଭିନ୍ନ ପରିଡା, ଲବଙ୍ଗଲତା ପରିଡା, ମିଲନ ସିଂହ, ସାଇଶ୍ରୀତା ଜେନା,ସନ୍ତୋଷ ସିଂହ ପ୍ରମୁଖ ଯୋଗଦେଇ ମହେନ୍ଦ୍ର ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସ୍ୱର୍ଗତ ସିଂହ ଜଣେ ଏକାଧାରରେ ବିଶିଷ୍ଟ ଶିକ୍ଷାବିତ୍, ଶିକ୍ଷକ ନେତା, ପ୍ରାବନ୍ଧିକ,ସୁ-ସଂଗଠକ,ସମାଜସେବୀ ଭାବେ ସ୍ଥାନୀୟ ଅଂଚଳରେ ସୁଖ୍ୟାତି ଅର୍ଜନ କରିଥିଲେ । ଓଳାଷୁଣି ଗୁମ୍ଫାର ସଂପାଦକ ଭାବେ କାର୍ଯ୍ୟକରିବା ସହିତ ସ୍ଥାନୀୟ ଅଂଚଳର ମୁରବୀ ଭାବେ ପରିଚିତ ଥିଲେ । ଶେଷରେ କ୍ୱାଇଁ ପ୍ରିତିରଂଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷଜମିରୁ ଜଳ ନିଷ୍କାସନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୧୪।୭:: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା, କଳପଡା ଓ ଶ୍ୟାମସୁନ୍ଦରପୁର ପ୍ରଭୃତି ଗ୍ରାମପଞ୍ଚାୟତର ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେହି ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଜାତୀୟ ରାଜପଥ ନିର୍ମାଣ ଉଦେଶ୍ୟରେ ଉପରୋକ୍ତ ପଞ୍ଚାୟତର ଚାଷୀମାନଙ୍କୁ ଶହ ଶହ ଏକର ଚାଷଜମି ହରାଇବାକୁ ପଡିଥିବା ବେଳେ ସେହି ଜାତୀୟ ରାଜପଥ ଏବେ ସେମାନଙ୍କ ଚାଷବାସ ପାଇଁ ସର୍ବନାଶର କାରଣ ପାଲଟିଛି । ୧୯୬୦ ଦଶକରେ ସରକାର ଜାତୀୟ ରାଜପଥ ନିର୍ମାଣ କରିବା ସମୟରେ ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ପାଇଁ ରାଜପଥର ଉଭୟ ପାର୍ଶ୍ୱରେ ଅଧିଗୃହୀତ ଜମି ଉପରେ ନାଳର ବ୍ୟବସ୍ଥା କରିଥଲେ । ମାତ୍ର ଏହା ମଧ୍ୟରେ ରାଜପଥର ଅନେକବାର ପ୍ରଶସ୍ତିକରଣ କାର୍ଯ୍ୟକରି ଏବେ ଆଠ ଲାଇନ ବିଶିଷ୍ଟ ରାସ୍ତା ନିର୍ମାଣ କରୁଥିବା ବେଳେ ସରକାର ଅଧିକ ଜମି ଅଧିଗ୍ରହଣ କରିନାହାଁନ୍ତି । ପରନ୍ତୁ ରାଜପଥ କଡରେ ଥିବା ଜଳ ନିଷ୍କାସିତ ପଥ ଗୁଡିକ ଉପରେ ସମ୍ପ୍ରସାରିତ କାର୍ଯ୍ୟ କରୁଛନ୍ତି । ଏଥିସହିତ ୫ ନଂ (କ) ଜାତୀୟ ରାଜପଥ କଡରେ ଯାଇଥିବା ମୁଖ୍ୟନଳାକୁ ସଂଯୋଗ କରୁଥିବା ସମସ୍ତ ଶାଖା ନାଳ ଗୁଡିକ ତହସିଲ ଅଫିସର କର୍ମଚାରୀମାନଙ୍କ ବିନା ତନଖିରେ ନିର୍ବିଚାରରେ ଘରବାଡି କିଷମକୁ ବଦଳାଇ ନିର୍ମାଣ କାର୍ଯ୍ୟ ପାଇଁ ଦେବା ଏବଂ ଡ୍ରେନେଜ୍ ବିଭାଗର କୌଣସି ରଦାରଖ ନରହିବା କାରଣରୁ ବିଭିନ୍ନ ସ୍ଥାନରେ ଅବରୋଧ ହୋଇଥିବା ଏହି ଜଳ ନିଷ୍କାସିତ ପଥ ଏବେ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଯୋଗୁଁ ସମ୍ପୂର୍ଣ୍ଣ ଅବରୋଧ ହୋଇପଡିଛି । ଫଳରେ ଚଳିତ ବର୍ଷା ଋତୁରେ ଉଦ୍‌ବୃତ ବର୍ଷାଜଳ ଚାଷ ଜମିରୁ ନିଷ୍କାସିତ ହୋଇ ନପାରି ହଜାର ହାଜର ଏକର ଚାଷ ଜମିର ଫସଲ ସମ୍ପୂର୍ଣ୍ଣ ରୂପେ ପଚି ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ଜିଲ୍ଲାପାଳ ଏହି ନିର୍ମାଣ କାର୍ଯ୍ୟରେ ତୁରନ୍ତ ହସ୍ତକ୍ଷେପ କରି ପୂର୍ବ ଜଳ ନିଷ୍କାସିତ ପଥ ଗୁଡିକୁ ବଜାୟ ରଖିବା ସହ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଦିଲ୍ଲୀପ କୁମାର ସାହୁ, ରବିନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ନିର୍ମଳ କୁମାର ସ୍ୱାଇଁ, ଶାରଦା ପ୍ରସନ୍ନ ରାଉତ, ସୁଶୀଳ ରାଉତ, ସୁନାକର ସେଠୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ପଦେକ୍ଷପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

# ଅଖିଳ ଭାରତ କୃଷକସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୧୪।୭: ଅଖିଳ ଭାରତ କୃଷକ ସଭା ଓ ରାମଚଣ୍ଡୀ କୃଷକ ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଚାରିଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ବର୍ତ୍ତମାନ ଚାଷୀ କୂଳ ହତାସ ହୋଇଥିବା ବେଳେ ଚାଷୀର ଉତ୍ପନ୍ନ ଦ୍ରବ୍ୟକୁ ଶାଗମାଛ ଦରରେ ବିକ୍ରି କରୁଛି । କିନ୍ତୁ ସେହି ସାମଗ୍ରିକୁ ଚାଷୀଟି କିଣିବା ବେଳେ ତାକୁ ଆକାଶ ଛୁଆଁ ଦରରେ କିଣିବାକୁ ପଡୁଛି । ତେଣୁ କେନ୍ଦ୍ରାପଡା ଜିଲ୍ଲାର ପ୍ରତି ବ୍ଲକରେ ତୁରନ୍ତ ବୃହତ୍ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବା ସହିତ ମହାକାଳପଡାରେ ସରକାର ଘୋଷଣା କରିଥିବା ଶିଳ୍ପପ୍ରତିଷ୍ଠା କରି ଚାଷୀମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ ସହିତ ସେମାନଙ୍କ ପିଲାମାନଙ୍କୁ ନିଯୁକ୍ତି ପ୍ରଦାନ, ଗୋପଛକ ଠାରୁ ଛଘରିଆ ପର୍ଯ୍ୟନ୍ତ ଜାତୀୟ ରାଜପଥ କଡରେ ପାଣି ବାଟ ରଖାଯାଇ ଜଳ ନିଷ୍କାସନ କରାଯିବା ଓ ଦରଦାମକୁ ତୁରନ୍ତ ହ୍ରାସ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି । ଏହି ଦାବି ପତ୍ର ପ୍ରଦାନ ସମୟରେ ରମଣୀ ରଞ୍ଜନ ରାଉତରାୟ, ବିକାଶ ଚନ୍ଦ୍ର ବେଉରା, ଆଦିକନ୍ଦ ରାଉଳ, ସୁହାନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ ।

# ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ

ବଙ୍ଗୋମୁଣ୍ଡା, ୧୪।୭: ବଲାଙ୍ଗୀର ଜିଲ୍ଲା ବଂଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ଠାରେ ଶ୍ରମିକ ଶକ୍ତି ସଂଘ ତରଫରୁ ଆୟୋଜିତ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ , ସମ୍ମାନୀତ ଅତିଥି ଭାବରେ ଭାଲୁମୁଣ୍ଡା ସରପଂଚ ରଞ୍ଜିତା ମେହେର , ଉଦ୍ୟାନ ବିଭାଗ ର ସୁଶିଳ ମେହେର ଭାଲୁମୁଣ୍ଡା ଆର୍ ଆଇ ଉପସ୍ଥିତ ରହି ପ୍ରଥମେ ମୂଖ୍ୟ ଅତିଥି ପୂଜାର୍ଚ୍ଚନା କରି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଜଂଗଲ ବିଭାଗ ରୁ ଅଣାଯାଇଥିବା ବିଭିନ୍ନ ଗଛ ଯଥା ବେଲ, ଦେବଦାରୁ, ଜାମୁ, ଆମ୍ବ ଇତ୍ୟାଦି ରୋପଣ କରାଯାଇଥିଲା। ବର୍ତ୍ତମାନ ସମୟରେ ଦେଖାଯାଉଥିବା ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ର ଅହେତୁକ ବୃଦ୍ଧି , ବିଶୁଦ୍ଧ ବାୟୁ ନିମନ୍ତେ ଗଛ ଲଗାଇବାକୁ ମୂଖ୍ୟଅତିଥି ସମସ୍ତ ଙ୍କୁ ଅନୁରୋଧ କରିବା ସହିତ ସମସ୍ତେ ନିଜ ଘର ରୁ ହିଁ ଉଭିଦ ଠାରୁ ଆରମ୍ଭ କରି ବିଭିନ୍ନ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ କୁ ଶ୍ରମିକ ଶକ୍ତି ସଂଘ ର ଏପିସି ପ୍ରୋଗ୍ରାମ ମେନେଜର ଶ୍ରୀ ଗୁରୁଗୋବିନ୍ଦ ସିଂହ ମାଝୀ ସଂଯୋଜନା କରିଥିଲେ। ଭାଲୁମୁଣ୍ଡା ଜି ପି ଏଲ୍ ଏଫ୍ ର ସଦସ୍ୟା ମାନେ ଯୋଗଦେଇ କାର୍ଯ୍ୟକ୍ରମ ରେ ନିଜକୁ ସାମିଲ କରିଥିଲେ। ଓ ଏଲ୍ ଏମ୍ / ମିଶନ ଶକ୍ତି ର ଏମ୍ ବି କେ ଶ୍ରୀ ମତି ବବିତା ମେହେର , ସି ଆର୍ ପି ଗୀତାଞ୍ଜଳି ମେହେର , ପୂର୍ଣମୀ ରଣା , ରୋହିଣୀ କୈବର୍ତ୍ତ,ଶ୍ରମିକ ଶକ୍ତି ସଂଘ ଓ ମହିଳା ସାମୁକ୍ଷ୍ୟ ଫାର୍ମର୍ସ ପ୍ରଡୁସର କଂପାନୀ ଲିମିଟେଡର କର୍ମୀ ଯଥା ତପନ, ମଧ୍ୟଚନ୍ଦ୍ର, ପରେଶ, ମଦନ, ସତ୍ୟ, ସମୀର, ତପସ୍ୱିନୀ, ସଂଗୀତା, ସୁରେଶ, ବିନୋଦ, ସହଯୋଗ କରିଥିଲେ। ପ୍ରକାଶ ଥାଉକି ଶ୍ରମିକ ଶକ୍ତି ସଂଘ ତରଫରୁ ଗଛ ଲଗାଇବା ସହିତ ଗଛ ର ସୁରକ୍ଷା ପାଇଁ ଓ ପରିବେଶ ସୁରକ୍ଷା ପାଇଁ ଦୀର୍ଘ ଦିନରୁ ବଲାଙ୍ଗିର ଜିଲ୍ଲା ର ବିଭିନ୍ନ ବ୍ଲକ ରେ କାର୍ଯ୍ୟ କରିଆସୁଛି।

# ରୋଟାରୀ ରୟାଲ ପକ୍ଷରୁ ମେଗା ବୃକ୍ଷରୋପଣ

ଭୁବନେଶ୍ୱର, ୧୪।୭: ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲ ପକ୍ଷରୁ ବାଲିଅନ୍ତା ପଞ୍ଚାୟତସ୍ଥିତ ଅଟଳା ମହାଦେବ ମନ୍ଦିର ପ୍ରାଙ୍ଗଣରେ ମେଗା ନଡ଼ିଆ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ପରିବେଶ ଚେୟାର ଶିବବ୍ରତ ଦାସ, ଡିଜିଏନ ଅନିଲ୍ ସାମଲ ଯୋଗଦେଇ ଚାରା ରୋପଣ କରିବା ସହ ଏଭଳି ଅଧିକରୁ ଅଧିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ରୋଟାରିଆନମାନଙ୍କୁ ଆହ୍ୱାନ ଦେଇଥିଲେ । କ୍ଲବ ସଭାପତି ରୋଟାରିୟାନ ବିଭୂତି ଭୂଷଣ କର କହିଥିଲେ କି, କୋରାପୁଟ, ବଣେଇ, ନୟାଗଡ଼ ଓ ନୀଳଗିରୀ ଇତ୍ୟାଦି ସ୍ଥାନରେ କ୍ଲବ ପକ୍ଷରୁ ଆଗାମୀ ଦୁଇ ମାସ ମଧ୍ୟରେ ଅନ୍ୟୁନ ପଚଶ ହଜାରରୁ ଉର୍ଦ୍ଧ୍ୱ ମଞ୍ଜି କନ୍ଦୁକ ବିଞ୍ଚାଯିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଅଛି । ଏହି ଅବସରରେ କ୍ଲବର ସହ ପ୍ରାନ୍ତପାଳ ଶାନ୍ତନୁ ପାଣି, ପରିବେଶ ସହ ଅଧକ୍ଷ ପ୍ରଶାନ୍ତ କୁମାର ମିଶ୍ର, ପ୍ରାକ୍ତନ ସଭାପତି ସଞ୍ଜୟ କୁମାର ଚୌଧୁରୀ, ଅଶୋକାନନ୍ଦ ଧର, ପିତବାସ ମିଶ୍ର, କୋଷାଧ୍ୟକ୍ଷ ଦୀପକ ସେହଗଲ, ବସନ୍ତ କୁମାର ସାହୁ, ଅନୁପ କୁମାର ମିଶ୍ର, ରୋମା ସେହଗଲ, ବିଶ୍ୱଜିତ ମିଶ୍ର, ରୋଟ୍ରାକ୍ଟର ଚିନ୍ମୟ ଦାଶ, ଚୌଧୁରୀ ତାରାପ୍ରସାଦ, ତକିଜା ପ୍ରମୁଖଙ୍କ ସମେତ ଗ୍ରାମ କମିଟି ସଭାପତି ଧିରେନ କୁମାର କର, ଲକ୍ଷ୍ମୀଧର ରଣା, ଶଙ୍କର୍ଷଣ ନାୟକ, ବୁଲା ମୁଦୁଲି, ହାପି ଦଳରାୟ, ରଞ୍ଜନ ଚୌଧୁରୀ ଇତ୍ୟାଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ

ଭୁବନେଶ୍ୱର, ୧୪।୭: ରାଜ୍ୟରେ ୧୯୭୯-୮୦ ମସିହାରୁ ଆବଶ୍ୟକ ଥିବା ପ୍ରାଥମିକ ବିଦ୍ୟାଳୟ ନଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଖୋଲାଯାଇ ସେହି ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଶିକ୍ଷା ଜିଲ୍ଲା ଅଧିକାରୀ ଶିକ୍ଷକ ନିଯୁକ୍ତି କରିଥିଲେ । ରାଜ୍ୟ ସରକାର ସେହି ଶିକ୍ଷକମାନଙ୍କୁ ପର୍ଯ୍ୟାୟକ୍ରମେ ସିଟି ତାଲିମ୍ ଦେଇ ତିନିବର୍ଷର ଅଭିଜ୍ଞତାକୁ ଆଧାର କରି ୧୯୯୭-୯୮ ମସିହା ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟରେ ଏଲିମେଣ୍ଟାରୀ ଶିକ୍ଷକ ରୂପେ ନିଯୁକ୍ତି ଦେଇ ଆସୁଥିଲେ । କେନ୍ଦ୍ର ସରକାର ୨୦୦୧ ମସିହା ମାର୍ଚ୍ଚ ୩୧ ତାରିଖ ଅଣ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ବନ୍ଦ କରି ନିଶ୍ଚିତ ଶିକ୍ଷା ଯୋଜନା (ଇଜିଏସ୍) ପ୍ରଚଳନ କଲେ । ସେଥିରେ ସର୍ବପ୍ରଥମେ ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କୁ ନିଯୁକ୍ତି କରିଥିଲେ । ୨୦୦୬ ମସିହା ବିଜ୍ଞାପନ ମୂଳେ ତାଲିମପ୍ରାପ୍ତ ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କୁ ଶିକ୍ଷା ସହାୟତାରେ ନିଯୁକ୍ତି କରି ସେମାନଙ୍କୁ ୬ ବର୍ଷ ପରେ ନିୟମିତ କରିଛନ୍ତି । କେନ୍ଦ୍ର ସରକାର ନିଶ୍ଚିତ ଶିକ୍ଷା ଯୋଜନା (ଇଜିଏସ୍) ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ସି.ଟି. ତାଲିମର ବ୍ୟବସ୍ଥା କରିଥିଲେ ହେଁ ରାଜ୍ୟ ସରକାର ସଠିକ୍ ସମୟରେ ସିଟି ତାଲିମ୍ ଦେଇ ନପାରି ପ୍ରାଥମିକ ବିଦ୍ୟାଳୟରେ ସେମାନଙ୍କୁ ଗଣଶିକ୍ଷକ ରୂପେ ନିଯୁକ୍ତି ଦେଇ ସିଟି ତାଲିମ୍ ବ୍ୟବସ୍ଥା କରିଛନ୍ତି । ଏବେ ତାଲିମ୍‌ପ୍ରାପ୍ତ ଗଣଶିକ୍ଷକମାନଙ୍କୁ ୨୦୧୭ ମାର୍ଚ୍ଚରେ ଏକ୍ସ-କ୍ୟାଡର ଶିକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି । ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ଏହି ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କର ଅଭିଜ୍ଞତାକୁ ବିଚାର କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମୂଳ ଏଲିମେଣ୍ଟାରୀ ଶିକ୍ଷକ ରୂପେ ମାନ୍ୟତା ଦେବା ସହ ଅବସର ନେଉଥିବା ଓ ନେଇଥିବା ସମସ୍ତ ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କର ଅଭିଜ୍ଞତାକୁ ଆଧାର କରି ପୁରୁଣା ପେନ୍‌ସନ୍ ଦେବାକୁ ସଭାପତି ଛବିଲତା ବାରିକ, ସମ୍ପାଦକ ଅନୀୟ କୁମାର ବରାଳ, ମହାସଚିବ ମହାଦେବ ସେଠୀ, ପ୍ରକାଶ ଚନ୍ଦ୍ର ବେହେରା, ସୁଶାନ୍ତ କୁମାର ଜ୍ୟୋତିଷ, କସ୍ତୁରୀ ଚରଣ ସେଠୀ, ଶୁଭେନ୍ଦୁ ବିଶ୍ୱାଳ, ରମେଶ ଜେନା ପ୍ରମୁଖ ଦାବି କରିଛନ୍ତି । ଏଥିସହ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି ।

ସୋମିବାର ୧୫, ଜୁଲାଇ ୨୦୨୪, ଭୁବନେଶ୍ୱର
MONDAY, 15 JULY, 2024 BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ରୁଷ-ଭାରତ ବନ୍ଧୁତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ରଷିଆ ଗସ୍ତରେ ଯାଇ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏହି ଅବସରରେ ଭାରତ ଏବଂ ରଷିଆ ମଧ୍ୟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି । ମୋଦିଙ୍କ ଏହି ଗସ୍ତକୁ ଅନେକ ଦୃଷ୍ଟିରୁ ଏତିହାସିକ ବୋଲି କୁହାଯାଇପାରେ । ଏହା ଦ୍ୱାରା ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜବୁତ ହୋଇଛି । ଗତ ୧୦ ବର୍ଷ ହେବ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ପୂର୍ବାପେକ୍ଷା ଅଧିକ ସୁଦୃଢ଼ ହୋଇଛି ଏବଂ ଉଭୟ ଦେଶ ମଧ୍ୟରେ ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କ ଆଗକୁ ବଢ଼ିଛି । କହିବା ବାହୁଲ୍ୟ ଯେ, ଆମେରିକା ହେଉଛି ଭାରତର ବୃହତ୍ତମ ବାଣିଜ୍ୟିକ ସହଯୋଗୀ । ଆମେରିକାରେ ସର୍ବାଧିକ ପ୍ରବାସୀ ଭାରତୀୟ ଅଛନ୍ତି । ଭାରତର ଫୋରେକ୍ସ ରିଜର୍ଭ ଆମେରିକା ଉପରେ ଅନେକାଂଶରେ ନିର୍ଭର କରିଥାଏ । କିନ୍ତୁ ଆମେରିକା ସବୁ ବେଳେ ଭାରତ ସହ ବେପାର କରିଆସିଛି । ବିପଦ ବେଳେ ଆମେରିକା କେବେ ବି ଭାରତକୁ ବିପଦ ବେଳେ ସହାୟତା କରିନି । ବରଂ ରଷିଆ ଭାରତକୁ ସବୁ ବେଳେ ବିପଦ ବେଳେ ସହଯୋଗର ହାତ ବଢ଼ାଇଛି । ପାକିସ୍ତାନରେ ଆତଙ୍କବାଦୀ କାର୍ଯ୍ୟକଳାପ କେବଳ ଆମେରିକାର ସହଯୋଗରେ ସମ୍ଭବ ହୋଇଛି । ଆମେରିକା ସହ ଭାରତର ସମ୍ପର୍କରେ ସୁଧାର ଆସିବା ପରେ ଅନେକ ଭାବୁଥିଲେ ଯେ, ଭାରତର ବୈଦେଶିକ ନୀତିରେ ପରିବର୍ତ୍ତନ ହୋଇଛି ଏବଂ ରଷିଆ ପରିବର୍ତ୍ତେ ଆମେରିକାକୁ ଭାରତ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି । ରଷିଆଠାରୁ ଭାରତ ଦୁରେଇ ଯାଉଛି ବୋଲି ଅନେକ ବିଚାର କରୁଥିଲେ । ଏଥିରେ କିଛିଟା ସତ୍ୟତା ମଧ୍ୟ ରହିଥିଲା । ଆମେରିକା ସହ ଭାରତର ସମ୍ପର୍କ ସୁଦୃଢ଼ ହେବା ଅନୁଭବ କରି ରଷିଆ ପାକିସ୍ତାନ ପଟକୁ ଢଳିଥିଲା । କିନ୍ତୁ ସମୟକ୍ରମେ ଏହି ଆକଳନ ଭୁଲ ପ୍ରମାଣିତ ହୋଇଛି । ରଷିଆ ଏବେ ବି ଭାରତର ଏକନମ୍ବର ବନ୍ଧୁ ରାଷ୍ଟ୍ର ଏବଂ ଏହାର ଆବଶ୍ୟକତା ମଧ୍ୟ ରହିଛି । ପାକିସ୍ତାନ ଓ ଚୀନ ସହ ଭାରତର ଶତ୍ରୁତା ଏବଂ ସାମରିକ ମୁକାବିଲା ଦୃଷ୍ଟିରୁ ରଷିଆ ସହିତ ସୁ ସମ୍ପର୍କ ନିହାତି ଜରୁରୀ । ବିଶେଷ କରି ଚୀନ ସହ ଭାରତର ସୀମା ବିବାଦ ବହୁ ବର୍ଷ ହେବ ଲାଗି ରହିଛି । ଏହାର ମୁକାବିଲା ଲାଗି ରଷିଆର କୂଟନୈତିକ ସମର୍ଥନ ଜରୁରୀ । ସେଥିପାଇଁ ଚୀନ ଆଜି ପର୍ଯ୍ୟନ୍ତ ଭାରତ ସହ ସମ୍ମୁଖ ଯୁଦ୍ଧ କରିବାକୁ ସାହସ କରିପାରିନାହିଁ । ୨୦୨୨ରେ ୟୁକ୍ରେନ ଉପରେ ରଷିଆର ଆକ୍ରମଣ ପରେ ଭାରତ ଓ ରଷିଆ ମଧ୍ୟରେ କୂଟନୈତିକ ସମ୍ପର୍କରେ ନୂଆ ଅଧ୍ୟାୟ ଆରମ୍ଭ ହେଲା । ଆମେରିକା ଓ ଏହାର ବନ୍ଧୁ ରାଷ୍ଟ୍ରମାନେ ଯେତେବେଳେ ରଷିଆ ବିରୋଧରେ ଏକାଠି ହୋଇ ଅର୍ଥନୈତିକ କଟକଣା ଲାଗୁ କଲେ ସେତେବେଳେ ଭାରତ ଜାତିସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ଫୋରମରେ ରଷିଆକୁ କୂଟନୈତିକ ସମର୍ଥନ କରି ପୁରା ଖେଳ ବଦଳାଇଦେଲା । ଯଦି ସେତେବେଳେ ଭାରତ ରଷିଆର ହାତ ଛାଡ଼ି ଦେଇଥାଆନ୍ତା ତେବେ ଏହାର ସୁଯୋଗ ପାକିସ୍ତାନ ନେଇଥାଆନ୍ତା । କିନ୍ତୁ ରଷିଆକୁ ସମର୍ଥନ ପ୍ରଦାନ କରି ମସ୍କୋକୁ ଋଣୀ କରିଦେଲା । ପ୍ରତିବଦଳରେ ଭାରତ ରଷିଆରୁ କେବଳ ରିହାତିରେ ତେଲ କିଣୁ ନାହିଁ, ଦୁଇ ଦେଶ ମଧ୍ୟରେ ସମ୍ପର୍କ ଚିରସ୍ଥାୟୀ ବୋଲି ପ୍ରମାଣିତ କରିଛି । ଅତୀତରେ ଯେତେବେଳେ ଜାତିସଂଘରେ ଭାରତ ବିରୋଧୀ ପ୍ରସ୍ତାବ ଆସିଛି ସେତେବେଳେ ଭାରତକୁ ରଷିଆ ହିଁ ସମର୍ଥନ କରି କରିଛି । ରଷିଆ ପାଇଁ ଅନେକ ଥର ଜାତିସଂଘରେ ଭାରତ ବିରୋଧୀ ପ୍ରସ୍ତାବ କାଟ ଖାଇଛି । ଆମେରିକା ଓ ଏହାର ସହଯୋଗୀ ମାନଙ୍କ ରଷିଆ ବିରୋଧୀ ଆଭିମୁଖ୍ୟକୁ ସମର୍ଥନ କରି ଭାରତ ସଠିକ ପଦକ୍ଷେପ ନେଇଛି । ତେବେ ପ୍ରଧାନମନ୍ତ୍ରୀ ତାଙ୍କ ମସ୍କୋ ଗସ୍ତ ବେଳେ ୟୁକ୍ରେନ ସହ ଯୁଦ୍ଧର ପରିସମାପ୍ତି ଲାଗି ଆହ୍ୱାନ ଦେଇ ପ୍ରମାଣିତ କରିଛନ୍ତି ଯେ, ଭାରତ ଆଖିବୁଜି ରଷିଆକୁ ସମର୍ଥନ କରୁନାହିଁ କିମ୍ବା ୟୁକ୍ରେନରେ ଗଣହତ୍ୟାକୁ ସମର୍ଥନ କରୁନାହିଁ । ଭାରତ ସବୁ ବେଳେ ଶାନ୍ତି ଚାହେଁ । ଯୁଦ୍ଧ ଏବଂ ଆତଙ୍କବାଦକୁ ଭାରତ ସବୁ ବେଳେ ବିରୋଧ କରିଆସିଛି । ମସ୍କୋରେ ପୁଟିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ମୋଦି ଯୁଦ୍ଧରେ ନିରୀହ ଶିଶୁଙ୍କ ମୃତ୍ୟୁ ନେଇ ଗଭୀର ଦୁଃଖପ୍ରକାଶ କରିବା ସହିତ ଏହାକୁ ବନ୍ଦ କରିବା ଲାଗି ଅନୁରୋଧ କରିଛନ୍ତି । ଏହି ଅବସରରେ ମୋଦିଙ୍କୁ ରଷିଆ ସେ ଦେଶର ସର୍ବୋଚ୍ଚ ବେସାମରିକ ନାଗରିକ ସମ୍ମାନ ପ୍ରଦାନ କରିଛି । ଏହାକୁ ରଷିଆର ଭାରତ ପ୍ରତି ବନ୍ଧୁତାର ସ୍ୱୀକୃତି ଭାବେ ବିବେଚନା କରାଯାଉଛି । ଏବେ ଭାରତର ଦାୟିତ୍ୱ ହେଉଛି ରଷିଆକୁ ପ୍ରଭାବିତ କରି କିପରି ଯୁଦ୍ଧକୁ ବନ୍ଦ କରିବା । କେବଳ ନରେନ୍ଦ୍ର ମୋଦି ଚାହିଁଲେ ଏହା ସମ୍ଭବ ହୋଇପାରିବ । ଯଦି ନରେନ୍ଦ୍ର ମୋଦି ପୁଟିନଙ୍କୁ ପ୍ରଭାବିତ କରି ଯୁଦ୍ଧ କରିପାରିବେ ତେବେ ସାରା ବିଶ୍ୱ ଭାରତର ନେତୃତ୍ୱକୁ ସ୍ୱୀକାର କରିବ ଏବଂ ଭାରତ-ରୁଷ ବନ୍ଧୁତା ବିଶ୍ୱ ହିତ ପାଇଁ ଉଦ୍ଦିଷ୍ଟ ବୋଲି ସମସ୍ତେ ଅନୁଭବ କରିବେ ।

# ସଂଯମତାର ସମୟ : ଚତୁର୍ମାସ୍ୟା

## ନିରୁପମା ଭୂୟାଁ

ଆମର ପ୍ରିୟ ଋଷି ମୁନିମାନେ ଜୀବନର ଉତ୍ଥାନ ନିମନ୍ତେ ଅଭିନବ ଜୀବନ ପଦ୍ଧତି ବିକଶିତ କରିଛନ୍ତି । ଋତୁ ଅନୁକୂଳ ବିଭିନ୍ନ ପର୍ବପର୍ବାଣୀର ବିଧି ନିର୍ମାଣ କରିଛନ୍ତି । ଚତୁର୍ମାସ୍ୟା ଏପରି ଏକ ବିଶେଷ ଅବସର, ଯାହାର ଶୁଭାରମ୍ଭ ଦେବଶୟନୀ ଏକାଦଶୀ (ଆଷାଢ଼ ଶୁକ୍ଳ ଏକାଦଶୀ) ଠାରୁ ହୋଇ ସମାପନ ଦେବୋତ୍ଥାପନ ଏକାଦଶୀ (କାର୍ତ୍ତିକ ଶୁକ୍ଳ ଏକାଦଶୀ)ରେ ହୋଇଥାଏ । ବର୍ଷା କାଳର ଏହି ଚାରି ମାସ (ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଏବଂ କାର୍ତ୍ତିକ)ର ଅବଧିରେ ଆମର ମନିଷିମାନେ ଆଧ୍ୟାତ୍ମିକ ଉତ୍ଥାନ ନିମନ୍ତେ ବିଶେଷ ସୁଯୋଗ ଆସିଥାଏ ବୋଲି ମାନ୍ୟତା ପ୍ରଦାନ କରିଅଛନ୍ତି । ଦେବଶୟନୀ ଏକାଦଶୀ ସହିତ ଏହି ବିଶେଷ ସାଧନା କାଳର ଶୁଭାରମ୍ଭ ପଛରେ ଧର୍ମଶାସ୍ତ୍ରରେ ଏକ ରୋଚକ କଥା ଉଲ୍ଲେଖ କରାଯାଇଛି । ଅସୁରରାଜ ବିରୋଚନର ପୁତ୍ର ଏବଂ ଭଗବାନ ବିଷ୍ଣୁଙ୍କ ପରମଭକ୍ତ ଅସୁରରାଜ ବଳି ଯୁଦ୍ଧରେ ଦେବରାଜ ଇନ୍ଦ୍ରଙ୍କୁ ପରାଜିତ କରି ସ୍ୱର୍ଗ ଅଧିକାର କରିନେଇଥିଲେ । ଏହି ବିଜୟ ପରେ ସେ ଅହଂକାରୀ ହୋଇ ଉଠିଲା । ମହାବିଜୟ ଉପଲକ୍ଷେ ବଳି ଏକ ଅଶ୍ୱମେଧ ଯଜ୍ଞ ଆୟୋଜନ କଲା । ଶ୍ରୀହରି ନିଜ ପ୍ରିୟ ଭକ୍ତର ଅହଂକାର ଦୂର କରିବା ଲାଗି ବାମନ ଅବତାର ନେଲେ ଏବଂଦାନ ସ୍ୱରୂପ ତିନିପାଦ ଭୂମି ବଳିକୁ ମାଗିଲେ । ବଳି ସଂକଳ୍ପ କଲାରୁ ଶ୍ରୀବାମନ ତିନି ପାଦରେ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ମାପିନେଲେ ଓ ବଳିକୁ ପାତାଳରେ ଚାପି ଦେଲେ । ଅନ୍ୟ ଏକ ବରଦାନ ସ୍ୱରୂପ ଶ୍ରୀହରି କଥାଦେଲେ ଯେ ସେ ବର୍ଷାକାଳ ଚାରି ମାସ ପାତାଳ ଲୋକରେ ରହିବେ । ଯେଉଁ ସମୟରେ ଶ୍ରୀବିଷ୍ଣୁ ଭକ୍ତ ବଳିର ପ୍ରାର୍ଥନା ସ୍ୱୀକାର କଲେ ତାହା ଥିଲା ଦେବଶୟନୀ ଏକାଦଶୀ । କୁହାଯାଏ ଯେ ସେବେ ଠାରୁ ଚତୁର୍ମାସ୍ୟା ଅବସରରେ ଶ୍ରୀହରି ଯୋଗନିଦ୍ରା ଯାଇଥାଆନ୍ତି । ଏହି ସମୟରେ ତାଙ୍କର ପୂଜା - ଆରାଧନା ସହିତ ସମ୍ପର୍କ ନଥାଏ । ଆଜି ଠାରୁ ଆରମ୍ଭ ହୋଇଥିବା ଚତୁର୍ମାସ୍ୟରେ ଶ୍ରୀହରିଙ୍କ ଶୟନ କାଳ ସମୟରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ନିଷିଦ୍ଧ ହୋଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଚାରି ମାସ ପର୍ଯ୍ୟନ୍ତ ସୃଷ୍ଟି ପରିଚାଳନାର ଅତିରିକ୍ତ ଦାୟିତ୍ୱ ଦେବାଦିଦେବ ମହାଦେବ ତୁଲାଇଥାଆନ୍ତି । ପ୍ରାଚୀନ କାଳରେ ସାଧକ ଏହି ଚାରି ମାସ ଗୋଟିଏ ସ୍ଥାନରେ ରହି ସାଧନା କରୁଥିଲେ । କିଛି ଲୋକ ଆଜି ମଧ୍ୟ ଏହି ପରମ୍ପରାର ପାଳନ କରିଥାଆନ୍ତି । କୃଷକମାନଙ୍କୁ ପୃଥିବୀର ପାଳନକର୍ତ୍ତା କୁହାଯାଏ । କାରଣ ଅନ୍ନ କୃଷକମାନେ ଉତ୍ପନ୍ନ କରିଥାନ୍ତି । ଋଷିମୁନିଗଣ ବର୍ଷା ଋତୁ ଚାରିମାସ କୃଷକମାନଙ୍କର କୃଷି କାର୍ଯ୍ୟରେ ଲିପ୍ତ ରହିବାର ଆତ୍ମିକ ପ୍ରଗତି କାଳ ଭାବେ ଅଭିହିତ କରି ବେଦ, ପୁରାଣ ଆଦି ଧର୍ମଗ୍ରନ୍ଥରେ ଅଧ୍ୟୟନ, ସ୍ମରଣର ପରମ୍ପରା ଆରମ୍ଭ କରିଛନ୍ତି । ଚତୁର୍ମାସ୍ୟା ସମୟରେ ଶରୀର ତଥା ମନକୁ ସଶକ୍ତ କରିବା ଲାଗି କେତେ କ୍ରିୟା ବିଷୟରେ କୁହାଯାଇଛି । ଅଧିକ ଆର୍ଦ୍ର ବାତାବରଣରେ ଆମର ପାଚନ କ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ । ଏହି କାରଣରୁ ଆମର ଋଷି ମୁନିମାନେ ଚାରି ମାସ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସାଦା, ତଟକା ଏବଂ ସୁପାଚ୍ୟ ଭୋଜନ ଗ୍ରହଣ କରିବା ଲାଗି ନିୟମ ଉପନିୟମ ନିର୍ଦ୍ଧାରଣ କରିଛନ୍ତି । ଯାହା ବର୍ତ୍ତମାନ ସମୟରେ ମଧ୍ୟ ବେଶ ଉପଯୋଗୀ । ବର୍ଷାକାଳରେ ମାଂସାହାର, ପତ୍ରଯୁକ୍ତ ଶାଗ ଏବଂ ଦହି ସେବନ ପାଇଁ ବାରଣ କରାଯାଇଛି । ଜୈନ ଧର୍ମରେ ମଧ୍ୟ ଚତୁର୍ମାସ୍ୟାର ମହତ୍ୱକୁ ସ୍ୱୀକାର କରାଯାଇଛି । ଭଗବାନ ନେମିନାଥ କହିଛନ୍ତିଯେ ଏହି ସମୟରେ ପୃଥିବୀରେ ଅସଂଖ୍ୟ ଜୀବ ଉତ୍ପନ୍ନ ହୋଇଥାନ୍ତି । ସେହି ଜୀବନମାନଙ୍କୁ ରକ୍ଷା କରିବା ଲାଗି ଜୈନ ଭିକ୍ଷୁମାନେ ଗୋଟିଏ ସ୍ଥାନରେ ରହି ଆରାଧନା କରିଥାନ୍ତି । ଚତୁର୍ମାସ୍ୟାରେ ଜୈନ ଧର୍ମର ପବିତ୍ର ପର୍ବ ପର୍ଯ୍ୟୁଷଣ ପାଳନ କରାଯାଇଥାଏ ।

ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ଜୀବନପଥ.... ବଡ଼ଦାଣ୍ଡ

## ବିପିନ ବିହାରୀ ରାଉତ

ଜୀବନପଥ ହେଉଛି ବଡ଼ଦାଣ୍ଡ । ଶ୍ରୀମନ୍ଦିରର ସିଂହଦ୍ୱାରରୁ ଆରମ୍ଭ, ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ସମାପ୍ତ । ବଡ଼ଦାଣ୍ଡର ଆରମ୍ଭ ସ୍ଥାନ ନୀଳାଚଳ ନାମରେ ବି ପ୍ରସିଦ୍ଧ । ଏଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼କୁ ଗଲେ ପ୍ରଥମେ ଭେଟିବାକୁ ହୁଏ ଏମାରମଠ ଚକଡ଼ାକୁ । ଅବଶ୍ୟ ଏହା ଏବେକାର ନାମ । ଏହା ଥିଲା ଅନ୍ନଛତ୍ର ମଣ୍ଡପ । ଯଦିଓ ରୂପାନ୍ତରଣ ପ୍ରକଳ୍ପ ଅନ୍ତର୍ଭୁକ୍ତ ହୋଇ ଏବେ ଏମାରମଠ ଆଉ ନାହିଁ । କିନ୍ତୁ ଯେଉଁଠି ଶ୍ରୀଦାରୁ ବ୍ରହ୍ମଙ୍କର ଶ୍ରୀଅନ୍ନବ୍ରହ୍ମ ବିତରିତ ହେଉଥିଲା, ସାଧୁ, ସନ୍ଥ, ଦୁଃଖୀ, ରଙ୍କି ତଥା ଭୋକିଲା ପେଟରେ ଆଉଟୁ ପାଉଟୁ ହେଉଥିବା ଜୀବବ୍ରହ୍ମ ମାନଙ୍କୁ । ମଧ୍ୟପ୍ରଦେଶର ରିମାର ରାଜା ଶ୍ରୀରଘୁରାଜ ସିଂ ୟେ ବ୍ୟବସ୍ଥା କରିଥିଲେ ଏହି ସ୍ଥାନଟିକୁ ଖରିଦ କରି । ସେ ହିଁ ଗଢ଼େଇଥିଲେ ସୁଉଚ୍ଚ ମଣ୍ଡପଟିଏ । ମଠଟିଏ ବି ବସେଇଥିଲେ ରିମାର ପ୍ରାଚୀନ ମାନ ଅହିଛତ୍ର ନାମରେ । ଏହି ଅହିଛତ୍ର ବର୍ତ୍ତମାନର ବରେଲୀ ଜିଲ୍ଲା । କାଳକ୍ରମେ ଏହି ଦାୟିତ୍ୱ ଖଞ୍ଜି ଦେଇଥିଲେ ଏମାର ମଠ ମାର୍ଫତରେ । ସେବେଠୁ ରିମା ମଣ୍ଡପ ଲୋକମୁଖର ପ୍ରସିଦ୍ଧ ହୋଇଯାଇଛି ଏମାର ମଠ ଚକଡ଼ା ନାମରେ । ମାଧୁର୍ଯ୍ୟମୟରୁ ବାହାରିଲେ ଜାଣତରେ ହେଉକି ଅଜାଣତରେ ହେଉ ପ୍ରଥମେ ଭେଟିବାକୁ ହେଉଥିଲା ଜୀବବ୍ରହ୍ମମାନଙ୍କୁ । ଯେଉଁଠି ଅନ୍ନବ୍ରହ୍ମରେ ଶାନ୍ତି ପାଆନ୍ତି ସେମାନେ । ମହମହ ମହାପ୍ରସାଦର ବାସ୍ନା ତନ୍ମୟ ଚେତନାକୁ ନିର୍ବିକାର କରିଦିଏ । ସେଇଠୁ ସେଇ ମୁହୂର୍ତ୍ତକରୁ । ତାପରେ ବଡ଼ଦାଣ୍ଡରେ ଆଗେଇଲେ ବାମପଟେ ଦେବୀ ଚର୍ଚ୍ଚିକା ଓ ଡାହାଣ ପଟେ ଦେବୀ ମର୍ଚ୍ଚିକାଙ୍କ ମନ୍ଦିର । ମଝିରେ ରଥଖଳା । ମହାପ୍ରଭୁଙ୍କ ଆଜ୍ଞାରେ ଏଇଠି ନିର୍ମାଣ ହୁଏ ରଥ । ଆଉ ଟିକେ ମରିଚିକୋଟରୁ ଆଗେଇଲେ ବାମପଟେ ବିରାଜମାନ କରିଛି ହଜାର ବର୍ଷର ଏକ ଅଭୁଲା ସ୍ମାରକୀ । ବିଜେ କରିଛନ୍ତି ଶ୍ରୀ ଶୁଭଲକ୍ଷ୍ମୀ ନାରାୟଣଦେବ । ବର୍ତ୍ତମାନର ପରିଦୃଶ୍ୟମାନ ଶ୍ରୀମନ୍ଦିର ଅର୍ଥାତ୍ ଯେଉଁ ମନ୍ଦିରକୁ ମହାପ୍ରଭୁଙ୍କର ଅଷ୍ଟମ ମନ୍ଦିର ବୋଲି ଶାସ୍ତ୍ରୀୟ ଦୃଷ୍ଟିରୁ ବିଚାର କରାଯାଏ, ସେହି ମନ୍ଦିରର ପୂର୍ଣ୍ଣ ନିର୍ମାଣ ସମୟର । ସମ୍ରାଟ ଅନଙ୍ଗଭୀମଦେବ ଶ୍ରୀମନ୍ଦିର ନିର୍ମାଣ ଶେଷ ବେଳକୁ ବିଘ୍ନ ବିନାଶନ ପାଇଁ ଯାଙ୍କୁ ପ୍ରତିଷ୍ଠା କରି ଯଜ୍ଞ କରିଥିଲେ । ସେହିଦିନୁ ଯାଙ୍କ ନାମ ହୋଇଗଲା ଶ୍ରୀଶୁଭଲକ୍ଷ୍ମୀ ନାରାୟଣ ଦେବ । କୋଳରେ ମା'ଲକ୍ଷ୍ମୀ ଥାଇ ବଡ଼ କମନୀୟ ମୂର୍ତ୍ତି । ନିର୍ବିଘ୍ନରେ ନିର୍ମାଣ ସମ୍ପୂର୍ଣ୍ଣ ହେବା ସହିତ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଏଠାରେ ଗଢ଼ି ଉଠିଥିଲା ଶ୍ରୀନାରାୟଣ ଛତାମଠ । ବଡ଼ଦାଣ୍ଡର ଏହି ସ୍ଥାନ ଏକ ପବିତ୍ର ଯଜ୍ଞସ୍ଥାନ । ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ମନେପଡୁଛି ଭକ୍ତକବି ସାଲବେଗଙ୍କର ଗୋଟିଏ ପ୍ରସିଦ୍ଧ ଭଜନର ପଂକ୍ତି 'ପ୍ରବେଶ ହୋଇଲ ବଡ଼ ଦାଣ୍ଡ, ଚରଣ ଧୂଳିରେ ପୂରିଲା ତୁଣ୍ଡ ।' ଏହା ସୂଚାଏ, ଯେ ସେ ଦିନର ଅର୍ଥାତ୍ ସପ୍ତଦଶ ଶତାବ୍ଦୀର ବଡ଼ଦାଣ୍ଡରେ ପହଣ୍ଡି ବେଳେ ଧୂଳି ଉଡୁଥିଲା । ସେ ଧୂଳି ତୁଣ୍ଡରେ ପାଇ ଭକ୍ତ ଆନନ୍ଦିତ ହେଉଥିଲେ । ପ୍ରସିଦ୍ଧ ଭଜନ 'ଥକାମନ ଚାଲଯିବା'ରେ ସାରିଆ ଭିକ ମଧ୍ୟ କହିଛନ୍ତି, 'ପହଞ୍ଚିବା ବଡ଼ ଦାଣ୍ଡେ, ସେ ରେଣୁ ପାଇବା ତୁଣ୍ଡେ ।'

ତୁଳସୀପୁର କଟକ, E-mail : bipinrout@rediffmail.com

# ବାସ୍ତବ ସତ୍ୟର ଅନୁସନ୍ଧାନ-୨

## ପଙ୍କଜ କୁମାର ପାଣିଗ୍ରାହୀ

ନମସ୍କାର । ବାସ୍ତବ ସତ୍ୟର ଅନୁସନ୍ଧାନ ଦ୍ୱିତୀୟ ଅଧ୍ୟାୟରେ ଆଜି ଆଲୋଚନା କରିବା, ବାସ୍ତବ ସତ୍ୟ ଆଉ ମଣିଷର ଦୁଃଖ ମଧ୍ୟରେ ସମ୍ପର୍କ କ'ଣ ?! ଦେଖିବାକୁ ଗଲେ ଦୁଃଖ, ନୈରାଶ୍ୟ ତଥା ବିଭିନ୍ନ ଅସୁବିଧା ହୁଏତ କାହାକୁ ଛାଡ଼ିନାହିଁ ଆମ ସମାଜରେ । ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ ଯାହାକୁ ପଚାରିଲେ ବିଭିନ୍ନ ଦିଗରେ କିଛି ନା କିଛି ଦୁଃଖ ବାଢ଼ିଥା'ନ୍ତି । କାହାର କେଉଁଥିରେ ଦୁଃଖ, ନୈରାଶ୍ୟ ଦେଖିବାକୁ ମିଳିଥାଏ ତାର କୌଣସି ସଙ୍ଖ୍ୟା କି ଦିଗ ବାରି ହୋଇ ନଥାଏ । ହେଲେ ସମସ୍ତେ ଯିଏ ଯେଉଁ ଦିଗରୁ ଦୁଖି ହୁଅନ୍ତୁ ନା କାହିଁକି ମଣିଷ ଦୁଖି ହେବାର ପ୍ରକୃତ କାରଣ କ'ଣ ହୋଇପାରେ ବିଚାର କରି ଦେଖିବା ।

କହିବାକୁ ଗଲେ ସାଧାରଣରେ ଆର୍ଥିକ କ୍ଲେଶ ଅଧିକାଂଶ ମଣିଷଙ୍କୁ ଦୁଃଖ ଘେରରେ ରଖିଥିବା ବେଳେ ଶାରୀରିକ ରୋଗ, ମାନସିକ ଯନ୍ତ୍ରଣା, ସାମାଜିକ ଅପମାନ ଭଳି ଅନ୍ୟାନ୍ୟ ଦୁଃଖ ଗୁଡିକ ମଧ୍ୟ କିଛି କମ ଯନ୍ତ୍ରଣାଦାୟୀ ନୁହନ୍ତି । ହେଲେ ମଣିଷକୁ ଯାହାସବୁ ଦୁଃଖ ଦେଇଥାଏ ସେଗୁଡିକ ମଧ୍ୟରୁ ପ୍ରାୟତଃ ସବୁ ଗୁଡିକ ମନୁଷ୍ୟକୃତ, କୃତ୍ରିମ ହୋଇଥିବା ବେଳେ ପ୍ରାକୃତିକ ପ୍ରଭାବ ଜନିତ ଦୁଃଖ ଅତ୍ୟନ୍ତ ନଗଣ୍ୟ ଯାହା ଅତି ବିରଳ ସମୟରେ ଆସିଥାଏ । ତାହେଲେ ମନୁଷ୍ୟକୃତ ଅପ୍ରାକୃତିକ ଦୁଃଖ ଗୁଡିକ ସାଧାରଣ ମଣିଷଙ୍କୁ ବ୍ୟଥିତ କରିବାର କାରଣ କ'ଣ ?

ଯେ କୌଣସି ଦୁଃଖ ହେଉ କି ନୈରାଶ୍ୟର ଭିତିଭୂମି ରହିଥାଏ କେବଳ ଅଜ୍ଞାନତାରେ ! ଅର୍ଥାତ ମଣିଷ ନିଜର ସଚେତନ ଜ୍ଞାନ ସୃଷ୍ଟି କରିବାରେ ଅସମର୍ଥ ହେବା କାରଣରୁ ସବୁବେଳେ ସବୁ କଥାରେ ଅନ୍ୟ କାହାର ମତବାଦ କିମ୍ବା ଉପଦେଶ ଉପରେ ନିର୍ଭର କରି ନିଜ ଜୀବନକୁ ପରିଚାଳିତ କରୁଥିବା ଅସ୍ୱୀକାର କରିପାରିବେ ନାହିଁ କେହି । କାରଣ ଜୀବନର ପ୍ରତ୍ୟେକ ମୁହୁର୍ତରେ ମଣିଷ ଯାହାସବୁ କରିଥାଏ ସେଗୁଡିକ ଆଉ କାହା ଦ୍ୱାରା ଦିଆଯାଇଥିବା ପ୍ରେରଣା, ଉପଦେଶ କିମ୍ବା ଲିଖିତ ତଥ୍ୟ ଉପରେ ଆଧାରିତ ନିଶ୍ଚୟ ।

ତାହେଲେ ଜଣେ ମଣିଷ ଯେତେବେଳେ ଅନ୍ୟ ଜଣକୁ କିଛି ଉପଦେଶ ଦେଉଛି ସେଇଥିରେ ଯୁକ୍ତାତ୍ମକ ବିଷୟ ନଥିଲେ ସେ ଗ୍ରହଣ କରିବ କି ? ଆଦୌ ନୁହେଁ । ତେଣୁ ଉପଦେଷ୍ଟା ସବୁବେଳେ ଅନେକ ଯୁକ୍ତାତ୍ମକ, ଉତ୍ତମ ଉପଦେଶ ଦେଇଥା'ନ୍ତି ଯାହା ସାଧାରଣରେ ସମସ୍ତଙ୍କ ମନକୁ ମୋହିତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗୁରୁ ଭଳି ମାନିବାକୁ ଗ୍ରହଣୀୟତା ମନୋଭାବ ସୃଷ୍ଟି କରିଥାଏ । କି'ନ୍ତୁ ଉପଦେଶ ଗ୍ରହୀତାଙ୍କ ଠାରୁ କିଛି ନପାଇ କେବଳ ଯେ ମୁକ୍ତ ଉପଦେଶ ଦିଆଯାଇ ଥା'ନ୍ତା ତାହେଲେ ସେହିଭଳି ସମାଜକୁ ଏକ ଶ୍ରେଷ୍ଠ ମାନବବାଦୀ ସମାଜ ବୋଲି କୁହାଯାଇ ଥା'ନ୍ତା ଯାହା ଆଜି ସମୟରେ ଏକ ସ୍ୱପ୍ନ ମାତ୍ର । ଅର୍ଥାତ ଉପଦେଷ୍ଟା, ଲେଖକ, ପ୍ରବଚକ ଯାହା ସବୁ ସମାଜରେ ବିତରଣ କରିଥା'ନ୍ତି ସେଇଥିରେ ଅନେକ ସତ୍ୟଜ୍ଞାନ ରହିଥିବା ବେଳେ କିଛି ମାତ୍ରାରେ ବିଷ ଭରି ରହିଥାଏ ଯାହା ସାଧାରଣ ନିର୍ବୋଧଙ୍କ ଜ୍ଞାତସାର ମଧ୍ୟରେ ନଥାଏ !

ତେଣୁ ସେହି ବିଷଭରା ଉକ୍ତି ଗୁଡିକ ମାଧ୍ୟମରେ ସେମାନେ ଶୋଷଣ କରିଥା'ନ୍ତି ଶ୍ରୋତାଙ୍କୁ ଯାହା ଏକ ଗମ୍ଭୀର ଷଡ଼ଯାନ୍ତ୍ରୀକ ବିଷୟ ! ଏ କଥାକୁ ସାଧାରଣରେ କେହି ଜାଣି ପାରନ୍ତି ନାହିଁ କି ଜାଣିବାର କୌଣସି ଉପାୟ ମଧ୍ୟ ନାହିଁ ଆମ ସମାଜରେ । ତେଣୁ ସାଧାରଣ ନିର୍ବୋଧ ମଣିଷ ସେ ଶିକ୍ଷିତ ହୁଅନ୍ତୁ କିମ୍ବା ଅଶିକ୍ଷିତ, ଆଉ କାହାଦ୍ୱାରା ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ ଲୁଣ୍ଠିତ, ଶୋଷିତ ହୋଇଥା'ନ୍ତି ସବୁବେଳେ ନିଜର ଅଜ୍ଞାନତା କାରଣରୁ । ସେହି ବିଷ ଭରା ବିଷୟ ଗୁଡିକ ଆଧାରିତ ହୋଇଥାଏ ମଣିଷ ମନରେ, ଜୀବନରେ ଦୁଃଖ ସୃଷ୍ଟି କରିବା ପାଇଁ ଯାହା ସମସ୍ତଙ୍କୁ ଆଜି ଘେରି ରହିଛି ।

ଅତଏବ ପ୍ରତ୍ୟେକ ମଣିଷ ଚେତନା ଜ୍ଞାନ ସୃଷ୍ଟି କରି ନିଜ ବିବେକରେ ପରିଚାଳିତ ହୋଇ କାହାର ଉପଦେଶ ଗୁଡିକୁ ସନ୍ଦେହ ଘେରରେ ରଖି ତର୍ଜମା କରିବା ଶିକ୍ଷା କରିବା ଅତ୍ୟାବଶ୍ୟକ । ଅନ୍ୟଥା ଯେ କୌଣସି ମଣିଷ କେବେ ହେଲେ ଦୁଖରୁ ବାଦ ପଡ଼ିବେ ନାହିଁ ଏ କଥାରେ କୌଣସି ସନ୍ଦେହ ନାହିଁ । ଅତି ସୂକ୍ଷ୍ମ ଅନୁଧ୍ୟାନ କରି ଦେଖିଲେ ଜାଣିହେବ ଯେ ଆମ ଜୀବନର ପ୍ରତ୍ୟେକ ସମୟରେ ସବୁ କଥାରେ ଆମେ ନିର୍ଭର କରୁଛେ ଆଉ କାହାଦ୍ୱାରା ଦିଆଯାଇଥିବା ମନ୍ତବ୍ୟ, ଉପଦେଶ ଉପରେ । ହେଲେ ଆମେ ନିଜର ଚେତନା ଜ୍ଞାନ ଉଦୟ କରିବା କେମିତି ଏବଂ କାହାର କୌଣସି କଥାକୁ ନିର୍ଦ୍ୱନ୍ଦରେ ଗ୍ରହଣ କରିବା ପୂର୍ବରୁ ସେଗୁଡିକୁ ଅନୁଶୀଳନ କରି ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବା ଶିକ୍ଷା କରିବା କିପରି ତାହା କେହି କୁହନ୍ତି ନାହିଁ । ନିଜକୁ ସଚେତନ କରି ନିଜ ବିବେକରେ ପରିଚାଳିତ ହେବା ରାସ୍ତା ଦେଖାଇ ନଥା'ନ୍ତି କେହି । କେବଳ ନିଜର ସମସ୍ୟା ସମାଧାନ ପାଇଁ ଜଣେ ଗୁରୁ କିମ୍ବା ଭଗବାନଙ୍କ ସାହାରା ନେବା ପାଇଁ ଉପଦେଶ ଦେଇଥା'ନ୍ତି ସମସ୍ତେ, କାହିଁକି ?! ସେ ବିଷୟରେ ଆଲୋଚନା କରିବା ଆଗାମୀ ଅଧ୍ୟାୟରେ । ଆଜି ପାଇଁ ଏତିକି । ଧନ୍ୟବାଦ । (କ୍ରମଶଃ)

ୟୁଟ୍ୟୁବ୍-ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ପର୍ଶୁରାମାଷ୍ଟମୀ : ଭଗବାନ ପର୍ଶୁରାମଙ୍କ ଜନ୍ମ ଉତ୍ସବ

## ଗୋପୀନାଥ ଦାଶ

ଆଷାଢ଼ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପର୍ଶୁରାମଷ୍ଟମୀ ପାଳନ କରାଯାଏ । ଏହି ଦିନ ଭଗବାନ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ । ଚଳିତବର୍ଷ ଜୁଲାଇ ୧୬ ତାରିଖରେ ଏହି ପବିତ୍ର ଉତ୍ସବ ପଡୁଛି । କ୍ଷତ୍ରିୟମାନେ ଅତ୍ୟାଚାରୀ ହୋଇ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଲେ । ଭଗବାନ ପର୍ଶୁରାମ ନିଜେ ବ୍ରାହ୍ମଣ ସନ୍ତାନ ହୋଇ ମଧ୍ୟ ହାତରେ ପରଶୁ କୁଠାର ଧରି ସେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ । ସର୍ବପ୍ରଥମେ ହତ୍ୟାକଲେ ସହସ୍ରାର୍ଜ୍ଜୁନଙ୍କୁ । ପରେ ପରେ ଏକବିଂଶବାର ବୁଲି ବୁଲି ସେ କ୍ଷତ୍ରିୟକୁଳ ଅଙ୍କୁରମାନଙ୍କୁ ନିପାତ କଲେ । ସମଗ୍ର ପୃଥିବୀ ବୀର କ୍ଷତ୍ରିୟମାନଙ୍କ ରକ୍ତରେ ଧୌତ ହଲା ।

ଭୃଗୁବଂଶର ଋଷି ଜମଦଗ୍ନି ଓ ରେଣୁକାଙ୍କ ଔରସରୁ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ପୂଜାପାଠ ଛାଡ଼ି ଧନୁଶର ଓ ପରଶୁ କୁଠାର ସାହାଯ୍ୟରେ ସେ ଯଦ୍ଧବିଦ୍ୟା ଶିକ୍ଷାକଲେ । ଏହି ସମୟର ମା' ରେଣୁକାଙ୍କୁ ଚରିତ୍ର ସ୍ଖଳନ ଦୋଷରେ ଦୋଷୀ ସାବ୍ୟସ୍ତ କରି ଋଷି ଜମଦଗ୍ନି ତାଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଦେଲେ । ଭୃଗୁପତି ପର୍ଶୁରାମ ପରଶୁ ଆଘାତରେ ମାଆଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେଲେ । ପିତା ବ୍ରହ୍ମଦଗ୍ନି ସନ୍ତୁଷ୍ଟ ହୋଇ ବର ଯାଚିଲେ । ମାଆଙ୍କୁ ପୂନର୍ଜୀବନ ଦେବା ପାଇଁ ପର୍ଶୁରାମ ବର ମାଗିଲେ । ଋଷି ଜମଦଗ୍ନି ସନ୍ତୁଷ୍ଟ ହୋଇ ରେଣୁକାଙ୍କୁ ଜୀବନ୍ୟାସ ମନ୍ତ୍ରପଢ଼ି ଜଳସିଞ୍ଚି ବଞ୍ଚାଇ ଦେଲେ । ତେବେ ମାତୃହତ୍ୟା କରିଥିବାରୁ ପାପଭାରରେ ପର୍ଶୁରାମଙ୍କ ପରଶୁ ତାଙ୍କ କାନ୍ଧରୁ ଉଠିଲା ନାହିଁ । ଏହା ଦେଖି ପିତା ଜମଦଗ୍ନି କହିଲେ 'ଭାରତବର୍ଷର ସମସ୍ତ ତୀର୍ଥ ଦର୍ଶନ କରି ଜଳରେ ସ୍ନାନ କର । ତାପରେ କୈଳାସ ପର୍ବତକୁ ଯାଇ ଶିବ ପାର୍ବତୀଙ୍କ ନିକଟରେ ତପସ୍ୟା କର । ଶିବପାର୍ବତୀ ସନ୍ତୁଷ୍ଟ ହୋଇ ତୁମକୁ ପାପମୁକ୍ତ କରିବେ । ପିତାଙ୍କ ଆଦେଶ ପାଳନ କରି ପର୍ଶୁରାମ ଦୀର୍ଘଦିନ ତୀର୍ଥସ୍ଥାନ ପର୍ଯ୍ୟଟନ କରି କୈଳାସ ପର୍ବତରେ ତପସ୍ୟାରତ ହେଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହାଇ ଶିବପାର୍ବତୀ ତାଙ୍କୁ ବର ପ୍ରଦାନ କରି ପାପମୁକ୍ତ କଲେ । ଫଳରେ ତାଙ୍କ କାନ୍ଧରୁ ପରଶୁ କୁଠାର ଖସିଗଲା ।

ଅତ୍ୟାଚାରୀ କ୍ଷତ୍ରିୟମାନଙ୍କୁ ଉପଯୁକ୍ତ ଦଣ୍ଡ ଦେଇସାରିବା ପରେ ଆଉ ପର୍ଶୁରାମ ଅବତାରରେ କୌଣସି ଆବଶ୍ୟକତା ରହିଲା ନାହିଁ । ତେଣୁ ଭଗବାନ, ଶ୍ରୀରାମଚନ୍ଦ୍ର, ରୂପେ ଅଯୋଧ୍ୟା ରାଜପରିବାରରେ ଜନ୍ମଗ୍ରହଣ କଲେ । ଜନକ ରାଜକୁମାରୀ ସୀତାଙ୍କୁ ବିବାହ କରିବା ପାଇଁ ଶିବଧନୁ ଭାଙ୍ଗିବା ସମୟରେ ପର୍ଶୁରାମଙ୍କ ମିଥିଳାରେ ଆବିର୍ଭାବ ଘଟିଥିଲା । ଶ୍ରୀରାମଙ୍କ ମହିମା ଜାଣିନପାରି ପର୍ଶୁରାମ ତାଙ୍କୁ ଜଣେ ସାଧାରଣ କ୍ଷତ୍ରିୟ ସନ୍ତାନ ଭାବେ ମନେକରିଥିଲେ । ପର୍ଶୁରାମ ତାଙ୍କ ସହ ଯୁଦ୍ଧ ପାଇଁ ଶ୍ରୀରାମଙ୍କୁ ଆମନ୍ତ୍ରଣ କଲେ । ପର୍ଶୁରାମ ତାଙ୍କ ସହ ଯୁଦ୍ଧ ପାଇଁ ଶ୍ରୀରାମଙ୍କୁ ଆମନ୍ତ୍ରଣ କଲେ । ପର୍ଶୁରାମ କହିଲେ - 'ତୁମେ ତ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଛ, ତେଣୁ ମୋ ଧନୁରେ ଶରସନଧାନ କରି ଦେଖାଅ ।' ଭଗବାନ ଶ୍ରୀରାମଚନ୍ଦ୍ର ପର୍ଶୁରାମଙ୍କ ହାତରେ ଧନୁ ନେଇ ଅକ୍ଲେଶରେ ଶରସନ୍ଧାନ କଲେ । ଠିକ୍ ଏହି ସମୟରେ ଭଗବାନ ରାମଚନ୍ଦ୍ର ପର୍ଶୁରାମଙ୍କ ଶରୀରରୁ ବିଷ୍ଣୁକଳାର ତେଜ ହରଣ କଲେ । ସେହିଦିନଠାରୁ ପର୍ଶୁରାମ କ୍ଷତ୍ରିୟ ତେଜ ଓ କ୍ରୋଧ ତ୍ୟାଗ କରି ତପସ୍ୟାରେ ମନ ବଳାଇଲେ । ଦ୍ୱାପର ଯୁଗରେ ପର୍ଶୁରାମ ଭୀଷ୍ମ କର୍ଣ୍ଣଙ୍କ ଭଳି ମହାରଥୀଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଇଥିଲେ ।

ଓଡ଼ିଶାର ଦକ୍ଷିଣାଞ୍ଚଳରେ ପର୍ଶୁରାମ ଗୋତ୍ରୀ ବ୍ରାହ୍ମଣମାନେ ବସବାସ କରନ୍ତି । ସେମାନେ ଅଧିକାଂଶ ସମୟରେ ଭିକ୍ଷାନ୍ନ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ତେବେ ସେମାନେ ସାଧାରଣ ଭିଉକ ବା ଯୋଗୀ ଭିକାରି ପରି ଭିକ୍ଷା ମାଗନ୍ତି ନାହିଁ । ଦୁଇଜଣ ଏକାଠି ଆସନ୍ତି । ଜଣେ ରାମ ବେଶରେ ଆଉ ଜଣେ ପର୍ଶୁରାମ ବେଶରେ ଆସନ୍ତି । ରାମଙ୍କ ହାତରେ ଥାଏ ଧନୁଶର ଓ ପର୍ଶୁରାମଙ୍କ ହାତରେ ଥାଏ ପରଶୁ କୁଠାର । ଗ୍ରାମର ବା ସାହିର ଦୁଇମୁଣ୍ଡରୁ ଦୁଇଜଣ ପ୍ରବେଶ କରନ୍ତି । ଯେଉଁଠାରେ ଭେଟ ହୁଏ ସେଠାରେ ଯୁଦ୍ଧର ଆହ୍ୱାନ ଭଳି ଅଭିନୟ କରନ୍ତି । ଦୁଇଜଣଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲେ । ଶେଷରେ ପର୍ଶୁରାମ ବେଶଧାରୀ ଭିକ୍ଷଉ ହାରିଯାଇ ଶ୍ରୀରାମ ବେଶଧାରୀ ଭିକ୍ଷୁଙ୍କ ନିକଟରେ ଶରଣ ପଶନ୍ତି । ଏହି ଦୃଶ୍ୟ ଦେଖିବାକୁ ବହୁଲୋକ ରୁଣ୍ଡ ହୁଅନ୍ତି । ସେମାନେ ରାମ ଓ ପର୍ଶୁରାମ ବେଶଧାରୀ ବ୍ରାହ୍ମଣଙ୍କୁ ଭିକ୍ଷା ଦିଅନ୍ତି । ଦୁଇଜଣଙ୍କ ହାତରେ ଲାଉ ତୁମ୍ବାର ପାତ୍ର ଥାଏ । ଏଥିରେ ସୁନ୍ଦର ଦଶାବତାର ଚିତ୍ର ଅଙ୍କିତ ହୋଇଥାଏ । ଦୁହେଁ ମୁଣ୍ଡରେ ଖିଡ଼୍‌କୀ ପାଗ ଓ ଚିତା ପୋଷାକ ପିନ୍ଧିଥାନ୍ତି । ପର୍ଶୁରାମଙ୍କ ଜଘଂରେ ଗୋଟିଏ ଘଣ୍ଟି ବନ୍ଧା ହୋଇଥାଏ । କଥିତ ଅଛି ପର୍ଶୁରାମ ପୃଥିବୀକୁ ଏକବିଂଶବାର କ୍ଷତ୍ରିୟଙ୍କୁ ନିପାତ କରିବା ସମୟରେ ଜାନୁରେ ଘଣ୍ଟି ବାନ୍ଧିଥିଲେ । ସେହି ଘଣ୍ଟିର ଶବ୍ଦ ଶୁଣିଲେ ଶତ୍ରୁମାନେ ଭୟରେ ଶିହରି ଉଠୁଥିଲେ । ତେଣୁ ତାଙ୍କୁ କୁହାଯାଉଥିଲା ଜାନୁଘଣ୍ଟ ପର୍ଶୁରାମ । ଏହି ପରମ୍ପରାର ଜାନୁଘଣ୍ଟ ପର୍ଶୁରାମ ଭିକ୍ଷୁକ କ୍ଷତ୍ରିୟୋଚିତ ସ୍ୱାଭିମାନ ନେଇ କାହାକୁ କିଛି ମାରନ୍ତି ନାହିଁ । କାହା ଦୁଆରେ ଛିଡ଼ା ହୁଅନ୍ତି ନାହିଁ । କାହାରି ଛାତ ତଳକୁ ଯାଆନ୍ତି ନାହିଁ । ଗାଁଗହଳରେ ଏମାନଙ୍କୁ କୁହାଯାଏ ଜାନୁଘଣ୍ଟିଆ ।

ଓଡ଼ିଶାର ଦକ୍ଷିଣାଞ୍ଚଳରେ ମାଆମାନେ ପୁତ୍ରର ଶୁଭକାମନ କରି ପର୍ଶୁରାମଷ୍ଟମୀ ବ୍ରତ ପାଳନ କରନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀଗୁଣ୍ଡିଚା ଘରେ ଅବସ୍ଥାନ କରୁଥିବା ସମୟରେ ଏହି ବ୍ରତ ପାଳନ କରଯାଏ । ଉପବାସ ରହି ଭଗବାନ ପର୍ଶୁରାମଙ୍କୁ ପୂଜାର୍ଚ୍ଚନା କରାଯାଏ । ଚିରଞ୍ଜୀବୀ ପର୍ଶୁରାମ ଏବେ ମହେନ୍ଦ୍ରଗିରିରେ ଅବସ୍ଥାନ କରୁଛନ୍ତି ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି । ତେଣୁ କେହି କେହି ଆଷାଢ଼ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ମହେନ୍ଦ୍ରଗିରିକୁ ଯାଇ ଭଗବାନ ପର୍ଶୁରାମଙ୍କ ମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରନ୍ତି ।

ବରଦା, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ :
୮୮୯୫୨୯୬୧୬୭



## ଠାକୁରଙ୍କ ବାମନ ଓ ପର୍ଶୁରାମ ଅବତାରରେ ଦର୍ଶନ କଲେ ଭକ୍ତମାନେ



ଗଜପତି,୧୪।୭: ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚବାଡ଼ି ଠାରେ ଆଜି ଠାକୁରଙ୍କର ବାମନ ଓ ପର୍ଶୁରାମ ଅବତାର ଦେଖିବା ସକାଶେ ଭକ୍ତମାନଙ୍କ ସୁଅ ଛୁଟୁ ଥିବାର ଦେଖିବାକୁ ମିଳିଛି। ପାଗ ଆଜି ଅନୁକୂଳ ଥିବାରୁ ଆଖପାଖ ଗ୍ରାମ, ପୁରପଲ୍ଲୀରୁ ବହୁତ ଭକ୍ତଙ୍କ ସମାଗମ ହେଉଛି। ଏହି ଦଶ ଦିନ ଠାକୁରଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ ବୋଲି ଭକ୍ତଙ୍କ ଆଶା ଓ ବିଶ୍ୱାସ ରହିଛି। ତେଣୁ ଠାକୁରଙ୍କ ଦଶ ଅବତାର ଦର୍ଶନ କରିବା ସକାଶେ ପଡୋଶୀ ଆନ୍ଧ୍ରପ୍ରଦେଶରୁ ମଧ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନେ ନଡିଆ କଦଳୀ ଫୁଲ ତୁଳସୀ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିଥାନ୍ତି ଓ ମହା ପ୍ରଭୁଙ୍କ ଆଶୀର୍ବାଦ ନେଇଥାନ୍ତି। ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟୁଛି। ରଥଯାତ୍ରା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରିଚାଳନା ସକାଶେ ପଦକ୍ଷେପ ନିଆଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ କରାଯାଇଛି ଗୁଣ୍ଡିଚା ବାଡି ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ପାରଳାଖେମୁଣ୍ଡିରେ ଖାଦ୍ୟର ମାନ ଯାଞ୍ଚ ହେବ କେବେ ?

ଗଜପତି,୧୪।୭:ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ସନ୍ଧ୍ୟା ହେଲେ ରାସ୍ତା କଡ଼ରେ ଫାଷ୍ଟଫୁଡ଼ ଠାରୁ ଆରମ୍ଭ କରି ଟିଫିନ,ଚାଟ,ଗୁପୁଚୁପ ବିକ୍ରି ହୋଇଥାଏ। କିନ୍ତୁ ଖାଦ୍ୟର ମାନ ଯାଞ୍ଚ ହେଉ ନଥିବାରୁ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ଉପଯୁକ୍ତ ପରିବେଶ ନଥିବା ସହ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଉ ନାହିଁ। ରାସ୍ତାକଡ଼ର ଧୂଳି ଉଡିବା ସାଙ୍ଗକୁ ନାଳ ନିକଟରେ ବିକ୍ରି ଓ ବାସି ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ପୌର ପରିଷଦ କେବଳ ଟିକସ ଆଦାୟ କରିବାରେ ବାଉଳା ସେମାନଙ୍କୁ ସ୍ଥାୟୀ ଦୋକାନ ଦିଆଯାଉ ନାହିଁ। ସେହିଭଳି ହୋଟେଲ ଗୁଡିକ ମଧ ଯାଞ୍ଚ କରାଯାଉ ନାହିଁ। ସ୍ୱଚ୍ଛ ପାନୀୟ ଜଳ ଦେବା ବାବଦରେ ପାଣିବୋତଲ ଦିଆଯାଇ ୨୦ ଟଙ୍କା ଚାର୍ଜ ନିଆଯାଉଛି। ସ୍ୱଚ୍ଛ ନିର୍ମଳ ପାନୀୟ ସଫା ସୁତୁରା ଓ ଉତ୍ତମ ମାନର ଖାଦ୍ୟ ଯୋଗାଇବା କଥା କିନ୍ତୁ ଦୀର୍ଘ ଦିନ ହେଲା ତାହା ଯାଞ୍ଚ କରାଯାଉ ନାହିଁ। ବର୍ତ୍ତମାନ ରଥଯାତ୍ରା ଚାଲିଥିବାରୁ ସହରକୁ ପୁରପଲ୍ଲୀରୁ ଠାକୁରଙ୍କୁ ଦର୍ଶନ କରିବା ଓ ଯାତ୍ରା ବୁଲିବା ପାଇଁ ଭକ୍ତମାନେ ଆସିଥାନ୍ତି। ତା ସାଙ୍ଗକୁ ଦୋକାନ ଷ୍ଟଲ ହୋଟେଲ ଗୁଡିକରେ ଖାଦ୍ୟ ଖାଇଥାନ୍ତି। ତେଣୁ ଚାଟ ଦୋକାନ,ଟିଫିନ ଦୋକାନ, ହୋଟେଲ, ଫାଷ୍ଟ ଫୁଡ଼ ଷ୍ଟଲରେ ଖାଦ୍ୟର ମାନ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ସ୍ୱଚ୍ଛ ପାନୀୟ ଜଳ ପ୍ରଦାନ ଓ ସ୍ୱଚ୍ଛତା ରହିବା ଆବଶ୍ୟକତା ରହିଛି। ଏହି ସମୟରେ ବହୁଳ ପଲିଥିନ ବ୍ୟବହୃତ ବହୁତ ହେଉଛି। ଯାଞ୍ଚ କରାଯିବା ଆବଶ୍ୟକତା ରହିଛି। ଗାଈ ଗୋରୁ ଗୁଡିକ ଖାଦ୍ୟ ପଦାର୍ଥ ଲାଗିଥିବା ଜରି ଖୟଇ ଦେଉଛନ୍ତି। ଘୋରାଇ ଗ୍ୟାସ ସିଲିଣ୍ଡର ବହୁଳ ବ୍ୟବହାର ହେଉଛି ପୁଣି ଚଢା ଦରରେ ବିକ୍ରି ହେଉଥିବାର ଅବିଯୋଗ ହେଉଛ। କାରଣ ଯାତ୍ରା ଚାଲିଥିବାରୁ ବିଭିନ୍ନ ହୋଟେଲରେ ଷ୍ଟଲ ଗୁଡ଼ିକରେ ଘରୋଇ ଗ୍ୟାସ ସିଲିଣ୍ଡର ବହୁତ ବ୍ୟବହାର ହେଉଛି। ତେଣୁ ଯାଞ୍ଚ କରିବା ଅବଶ୍ୟକତା ରହିଛି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଡ଼ି ପୋଡ଼ି, ପୁଲିସ ତଦନ୍ତ ଆରମ୍ଭ

କେଶଦୁରାପାଳ,୧୪।୭: ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କ ଗାଡ଼ି ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭଣ୍ଡାରିପଡ଼ା ଗ୍ରାମରେ ଏକ ରାଜନୈତିକ ଦଳ କର୍ମୀମାନେ ଜଣେ ଯୁବକକୁ ସଂଘବଦ୍ଧ ହୋଇ ଆକ୍ରମଣ କରିବାକୁ ଆସିଥିଲେ ।ଏହା ଜାଣିପାରି ବିରୋଧି ଦଳର କର୍ମୀ ପାଲଟା ଆକ୍ରମଣ କରିଥିଲେ ।ଫଳରେ ସେମାନେ ଗାଡି ଛାଡି ଘଟଣାସ୍ଥଳରୁ ଚାଲିଯାଇଥିଲେ। ଏହାପରେ ସେହି ଗାଡିକୁ ପୋଡି ଦିଆଯାଇଥିବା ଅଭିଯୋଗ ହୋଇଛି। ଏସଂପର୍କରେ ରାମଚନ୍ଦ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଡ଼ା ଗାଡିକୁ ଜବତ କରିଛି।

## ଡାକ୍ତରଖାନାରେ ରୋଗୀସେବା ଠପ୍

# ମାସେ ହେଲା ଛୁଟିରେ ଡାକ୍ତର, ଆୟୁଷ ଡାକ୍ତର ସମ୍ଭାଳୁଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର

ଓଡ଼ଗାଁ, ୧୪।୭: ଓଡ଼ଗାଁ ବ୍ଲକ୍ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ଠପ୍ ହେବାକୁ ବସିଛି। ମାସେ ହେଲା ଡାକ୍ତର ଛୁଟିରେ ଥିବା ବେଳେ ଆୟୁଷ ଡାକ୍ତର ସ୍ୱାସ୍ଥ୍ୟସେବା ସମ୍ଭାଳୁଛନ୍ତି। ଫଳରେ ରୋଗୀ ଉତ୍ତମ ସ୍ୱାସ୍ଥ୍ୟସେବା ନ ପାଇ ବାରଦୁଆର ବୁଲୁଛ। ସୂଚନା ଥାଉକି, କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୦ ହଜାରରୁ ଊର୍ଦ୍ଧ୍ୱ ରୋଗୀ ନିର୍ଭର କରୁଥିବାରୁ ଏଠାରେ ଜଣେ ନିୟମିତ ଡାକ୍ତରଙ୍କୁ ନିଯୁକ୍ତି




କରାଯାଇଛି। କୁରାଳ ସମେତ ଗିରିଡ଼ିପଲ୍ଲୀ, ସୁନାମୁହିଁ ପଞ୍ଚାୟତର ରୋଗୀ ଆସି ଚିକିତ୍ସା ପାଉଥିଲେ। କିନ୍ତୁ ଡାକ୍ତର ଅଭାବରୁ ରୋଗୀ ଅଣନିଶ୍ୱାସୀ ହୋଇ ଏଣେତେଣେ ଯାଉଛନ୍ତି। ୫ ମାସ ତଳେ ଜଣେ ନିୟମିତ ଡାକ୍ତରଙ୍କୁ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି କରାଯାଇଛି। ମାତ୍ର ଡାକ୍ତର ଭୂୟାଁ ସବୁ ସମୟରେ ବିଭିନ୍ନ ଆଳ ଦେଖାଇ ଅନୁପସ୍ଥିତ ରହି ଆସୁଛନ୍ତି। ଗତ ମେ ମାସ ୨୭ ତାରିଖରୁ ଡାକ୍ତର ଭୂୟାଁ କୁଆଡ଼େ ଗାଏବ୍ ହୋଇଯାଇଛନ୍ତି ଯେ ଆଜି ପର୍ଯ୍ୟନ୍ତ ତାଙ୍କର ଦେଖାନାହିଁ। ରୋଗୀ ଏବେ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ଉପରେ ଭରସା କରିଛନ୍ତି। ଏବେ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ସାଧାରଣ ରୋଗର ଚିକିତ୍ସା କରାଯାଉଛି। ରୋଗୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଆସୁଥିଲେ ମଧ ସେମାନଙ୍କୁ ନୟାଗଡ଼ କିମ୍ବା ଭୁବନେଶ୍ୱର, କଟକ ଆଦି ପଠାଇ ଦିଆଯାଉଛି। ଏହାକୁ ନେଇ ରୋଗୀ ଅଯଥା ଖର୍ଚ୍ଚାନ୍ତ ହୋଇ ଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କେବେ ଏଥିପ୍ରତି ଗୁରୁ ଦେବ ଓ ରୋଗୀ ନିର୍ଦ୍ଦନ୍ଦ୍ୱରେ ସ୍ୱାସ୍ଥ୍ୟସେବା ପାଇବେ ତାହା ଦେଖିବାକୁ ବାକି ରହିଛି। ଏବେ ବର୍ଷାଦିନ ଆସିଥିବାରୁ ଲୋକେ ମ୍ୟାଲେରିଆ, ଡାଇରିଆ ଭଳି ମାରାତ୍ମକ ରୋଗର ଶିକାର ହେଲେଣି କିନ୍ତୁ ଡାକ୍ତର ଅଭାବରୁ ରୋଗୀ କଲବଲ ହେଉଛନ୍ତି।ଏହି ଘଟଣାରେ ଜିଲ୍ଲା ଚିକିତ୍ସାଧିକାରୀ ଙ୍କ ସେହି ଚିରାଚରିତ ଉତ୍ତର, ସେଠାକାର ଡାକ୍ତର ପିଜି କରିବାକୁ ଯାଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି ଏବଂ କୁରାଳରେ ରୋଗୀ ସମସ୍ୟା ଜଟିଳ ଥିବାରୁ ଆମେ ଏକମାସ ମଧରେ ଆଉ ଜଣେ ନୂତନ ଡାକ୍ତରଙ୍କୁ ନିଯୁକ୍ତି କରିବୁ ବୋଲି କହିଛନ୍ତି।

# ମଧୁପୁରଗଡ ଶ୍ରୀଜଗନ୍ନାଥଙ୍କ ସୁନାବେଶ ଦର୍ଶନ

ଢେଙ୍କାନାଳ,୧୪।୭: ଯାଜପୁର ଜିଲ୍ଲା ମଧୁପୁର ଗଡରେ ପ୍ରତିଷ୍ଠିତ ପ୍ରାୟ ୧୬୪ବର୍ଷର ପ୍ରାଚୀନ ଶ୍ରୀଜଗନ୍ନାଥ ମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଦ୍ୱୟଙ୍କୁ ''ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ''ର କର୍ମକର୍ତା ଓ ସଭ୍ୟବୃନ୍ଦ ଗୁରୁବାର ହେରାପଂଚମୀ ତିଥିରେ ପରିଦର୍ଶନ କରି ବିଭୋର ହୋଇଥିଲେ । ମଧୁପୁରଗଡର ରାଜ୍ୟକନ୍ୟା ତଥା ରାଜ୍ୟର ଉତରାଧିକାରିଣୀ ଭାବେ ଅଭିଷିକ୍ତା ହୋଇଥିବା ଅପର୍ଣ୍ଣା ଧୀର ଭରଦ୍ୱାଜଙ୍କ ଉଦ୍ୟମ କ୍ରମେ ଚଳିତ ବର୍ଷ ହେରାପଂଚମୀରେ ପ୍ରଥମକରି ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳରାମ ଓ ଦେବୀ ସୁଭଦ୍ରାଙ୍କର ମସ୍ତକରେ ଭବ୍ୟ ସ୍ୱର୍ଣ୍ଣ କିରୀଟ ଲାଗି ହୋଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ରଙ୍କ ଠାରେ ପ୍ରାୟ ୨କେଜି ଲେଖାଏଁ ଓଜନର ଏବଂ ସୁଭଦ୍ରାଙ୍କ ଠାରେ ପ୍ରାୟ ୧ କେଜି ଓଜନର ଏହି ସ୍ୱର୍ଣ୍ଣ କିରୀଟ ପୁରୀ ଶ୍ରୀକ୍ଷେତ୍ର ଢାଂଚାରେ ବେଶ୍ ଆକର୍ଷଣୀୟ ହୋଇଥିଲା, ଯାହାକୁ ଦର୍ଶନ କରି ଏବଂ ଯାହାଙ୍କ ପ୍ରସାଦ ସେବନ କରି ଢେଙ୍କାନାଳ ଶ୍ରୀଜଗନ୍ନାଥ ସେବା ପରିଷଦର ସଭ୍ୟବୃନ୍ଦ ନିଜକୁ ଧନ୍ୟ ମଣିଥିଲେ । କେବଳ ସେତିକି ନୁହେଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ଶ୍ରୀଭୁଜ ଏବଂ ଚଳନ୍ତି ପ୍ରତିମା ମଦନ ମୋହନଙ୍କ ମୁକୁଟ ମଧ ସ୍ୱର୍ଣ୍ଣରେ ନିର୍ମିତ ହୋଇଥିଲା । ପ୍ରସାଦରେ ଖିଚୁଡି, ଡାଲମା, ଆମ୍ବଖଟା ଓ ସୁସ୍ୱାଦୁ କ୍ଷୀରିର ଆୟୋଜନ କରାଯାଇଥିଲା । ପ୍ରତିନିଧିମଣ୍ଡଳୀ ପରିଷଦର ଉପଦେଷ୍ଟା ଅମରଜ୍ୟୋତି ସିଂହଦେଓ ଓ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ନେତୃତ୍ୱରେ ୧୯୨ ବର୍ଷର ପ୍ରାଚୀନ ରାଧାକୃଷ୍ଣ ମନ୍ଦିର, ମଧୁପୁରଗଡ ରାଜବାଟୀ ଓ ସବୁଜ ମେଘଦୂତ ପର୍ବତର ପାଦଦେଶରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପରିସର ବୁଲି ଦେଖିଥିଲେ । ବହୁ ପ୍ରାଚୀନ ଭାସ୍କର୍ଯ୍ୟ ସମ୍ବଳିତ ପ୍ରସ୍ତର ମୂର୍ତୀ ଓ ରାଜବାଟୀସ୍ଥିତ ରାଜବଂଶର ସଂଗ୍ରାହଳୟକୁ ମଧ ପ୍ରତିନିଧିମଣ୍ଡଳୀ ବୁଲି ଦେଖିଥିଲେ । ମଧୁପୁରଗଡ ରାଜା କୃଷ୍ଣପ୍ରସାଦ ଧୀର୍ ନରେନ୍ଦ୍ରଙ୍କର ୨୦୦୭ରେ ଦେହାନ୍ତ ହେବା ପରେ କନ୍ୟା ଅପର୍ଣ୍ଣାଙ୍କର ରାଜ୍ୟାଭିଷେକ ହୋଇଥିଲା । ପ୍ରାଚୀନ ରାଧାକୃଷ୍ଣ ମନ୍ଦିରରେ ୫ଫୁଟ ଉଚ୍ଚର ଜୀବନ୍ତ ଦେଖାଯାଉଥିବା କୃଷ୍ଣ ମୁଗୁନି ପ୍ରସ୍ତର ନିର୍ମିତ ବଂଶୀଧାରୀ ଶ୍ରୀକୃଷ୍ଣଙ୍କସହ ସାଢେ ଚାରିଫୁଟ ଉଚ୍ଚର ଛଣା ପିତଳ ଓ ଅଷ୍ଟଧାତୁ ମିଶ୍ରିତ ରାଧାରାଣୀଙ୍କ ପ୍ରତିମା ରତ୍ନ ସିଂହାସନରେ ପୂଜିତ ହେଉଛନ୍ତି । ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦର ପ୍ରତିନିଧିମଣ୍ଡଳୀରେ ସଂପାଦକ ଅଶୋକ କୁମାର ନନ୍ଦ, କାର୍ଯ୍ୟକାରିଣୀ ସଭ୍ୟ ବିଜୟ କୁମାର ସାହୁ, ପ୍ରେମ ଶଙ୍କର ମିଶ୍ର, ପ୍ରଶାନ୍ତ ସାମଲ, ରମେଶ ଚନ୍ଦ୍ର ପତି ଓ ମନୋରଞ୍ଜନ ମିଶ୍ର ପ୍ରମୁଖ ସାମିଲ୍ ହୋଇଥିଲେ ।

## ସାପ କାମୁଡ଼ାରେ ଚାଲିଗଲା ବୃଦ୍ଧାଙ୍କ ଜୀବନ

ନୂଆପଡ଼ା୧୪।୭: ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ ଲିଟିସର୍ଗି ପଞ୍ଚାୟତ ସ୍ଥିତ ଦହନାପାଲି ଗାଁର ଜଣେ ବୃଦ୍ଧାଙ୍କୁ ଏକ ବିଷଧର ସାପ କାମୁଡ଼ିବାରୁ ମୃତ୍ୟୁବରଣ କରିଛନ୍ତି। ପ୍ରାପ୍ତ ଖବର ଅନୁସାରେ, ଦହନାପାଲି ଗାଁର କଲମେ ବେଓ୍ୱା (୭୦) ନାମକ ବୃଦ୍ଧା ଜଣକ ନିଜ ଗାଈ ଗୁହାଳକୁ ଗୋବର ଗୋଟେଇବାକୁ ଯାଇଥିବା ବେଳେ ବୃଦ୍ଧାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସେତିକି ବେଳେ ପରିବାର ଲୋକେ ଗୁଣି ଗାରେଡ଼ି କରିଥିଲେଏହାପରେ ଅବସ୍ଥା ଗୁରୁତର ହେବାରୁ ବୃଦ୍ଧାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲକୁ ନିଆଯିବା ବାଟରେ ପ୍ରାଣବାୟୁ ଉଡ଼ି ଯାଇଥିଲା। ଏହି ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।ଏହି ପରିବାରରେ ମୃତ ବୃଦ୍ଧାଙ୍କର ଦୁଇ ପୁଅ ଅଛନ୍ତି।

## ଲିଙ୍ଗାପଦାରେ ନୂତନ ତାରିଣୀ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଗୁରୁଡ଼ିଝାଟିଆ: ମଙ୍ଗେଶ୍ୱର ପଞ୍ଚାୟତର ଲିଙ୍ଗାପଦା ଗ୍ରାମରେ ନୂତନ ତାରିଣୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମର ଆବାଳ ବୃଦ୍ଧ ବନିତାଙ୍କ ଭିତରେ ମାଆଙ୍କ ପ୍ରତିଷ୍ଠା ଉତ୍ସବ ପାଇଁ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଥିପାଇଁ ଯାଜ୍ଞିକ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଅସୀତ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପଣ୍ଡିତମାନେ ମାଆଙ୍କ ନୂତନ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା କରିଥିଲେ। ବଂଶୀଧର ବେହେରା ଯଜ୍ଞକର୍ତ୍ତା ଭାବେ କାର୍ଯ୍ୟ ସଂପାଦନ କରିଥିବା ବେଳେ ଗାଁର ମୁରବୀ ଯୋଗେନ୍ଦ୍ର କୁମାର ସାହୁ, ଦେବରାଜ ସାହୁ, ଭାଗିରଥି ବେହେରା, ପ୍ରାଣକୃଷ୍ଣ ସାହୁ, ଶରତ ଚନ୍ଦ୍ର ସାହୁ, ନାରାୟଣ ସାହୁ, ବଳରାମ ସାହୁ, କାଳନ୍ଦୀ ବେହେରା, ଚଗଲା ସାହୁ ପ୍ରମୁଖ ଙ୍କ ସହିତ ଗ୍ରାମର ମୁରବୀ ଓ ଯୁବକମାନେ ଉପସ୍ଥିତ ରହି ମାଆଙ୍କ କାର୍ଯ୍ୟକୁ ସଫଳ କରିଥିଲେ।ଆଜି ଅପରାହ୍ନରେ ପୂର୍ଣ୍ଣାହୁତୀ ସଂପନ୍ନ ହୋଇଛି।

## ସାପ କାମୁଡ଼ାରେ ଶିଶୁ ପୁତ୍ର ମୃତ

ପାଟଣା୧୪।୭:ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବଡମସିଣାବିଲା ଗ୍ରାମରେ ଗତକାଲି ଚିତି ସାପ କାମୁଡ଼ାରେ ଜଣେ ଶିଶୁ ପୁତ୍ର ପ୍ରାଣ ହରାଇଛ। ବଡ଼ମସିଣାବିଲା ଗ୍ରାମର କମଳା କାନ୍ତ ନାଏକ ପରିବାର ସହ ଘରେ ଚଟାଣରେ ଶୋଇଥିବା ସମୟରେ ଅର୍ଦ୍ଧ ରାତ୍ରରେ ତାଙ୍କ ଅଢେଇ ବର୍ଷର ଶିଶୁ ପୁତ୍ର ଜଗଜିତ ନାଏକଙ୍କ ହାତ ଆଙ୍ଗୁଠିକୁ ଏକ ଚିତି ସାପ କାମୁଡି ଦେଇଥିଲାୟ ଘଟଣା ଜାଣି ଜଗଜିତକୁ ସାଙ୍ଗେ ସାଙ୍ଗେ ଘଟଗାଁ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ରାତ୍ରି ସାଢେ ୪ଟାରେ ଜଗଜିତକୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଅଧିକାରୀ ମାନେ ଫିଲ୍ଡ କୁ ଯାଇ କାମ କରିବାକୁ ନିର୍ଦ୍ଦେଶ ଦେଲେ ଉପମୁଖ୍ୟମନ୍ତ୍ରୀ

ବଲାଙ୍ଗିର, ୧୪।୭: ଡିଏଫଓଙ୍କ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ ଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଗୁରୁବାର ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ । ଅଧିକାରୀ ମାନେ ଫିଲ୍ଡ କୁ ଯାଇ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏକ ହ୍ୱାଟ୍ସଆପ ଗ୍ରୁପ ମାଧ୍ୟମରେ ସମସ୍ତ ଅଧିକାରୀ ଜିଓ ଟ୍ୟାଗ ଫଟୋ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହିଗ୍ରୁପରେ ଅଧିକାରୀ ମାନଙ୍କ ସହିତ ଲୋକ ପ୍ରତିନିଧି ଓଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ରଖାଯାଉ ବୋଲି କହିଥିଲେ କ୍ଷ ଏହାଲୋକଙ୍କ ସରକାର ଲୋକଙ୍କ ପାଇଁ ଉତ୍ସର୍ଗୀକୃତ । ତେଣୁ କାମ ଏକ ନମ୍ବର ହେବା ଦରକାର ବୋଲି ସେ ଉପସ୍ଥିତ ଅଧିକାରୀ ମାନଙ୍କୁ ସୂଚାଇଦେଇଥିଲେ । ସରକାର ଦଳମତ ନିର୍ବିଶେଷରେ କାମ କରିବ ଯେଉଥିରୁ ଲୋକ ଲାଭ ପାଇବେ ବୋଲି ସେ କହିଥିଲେ । କୃଷି , ଶକ୍ତି, ଯୋଗାଣ , ମେଡ଼ିକାଲ , ଯୋଜନା, ଆଦି ବିଭାଗ ଉପରେ ବିସ୍ତୃତ ଆଲୋଚନା ହେଇଥିଲା । କୃଷି ରେ ମୃତିକାକୁ ଜୈବିକ ଉପାୟରେ ଉର୍ବର କରିବାକୁ କହିଥିଲେ । ଇଉରିଆ ଏବଂ ଡିଏପି ବ୍ୟବହାର ବନ୍ଦ କରିବାକୁ କହିଥିଲେ । ଫସଲ ଅମଳ ପରେ ବଜାର ଉପଲବ୍ଧ କରାଇବା ସବୁଠୁ ଗୁରୁତ୍ୱ ପୂର୍ଣ୍ଣ । ଫଳରେ ବିଭିନ୍ନ ଜାଗାରେ ଆଉଟଲେଟ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ । କଟନୀ ଛଟଣି କୁ ସମ୍ପୂର୍ଣ୍ଣ ବନ୍ଦ କରେଇବାକୁ ତାଗିଦ କରିବା ସହ ସମସ୍ତ ରାଇସ ମିଲ ର ଓଜନ ମାପକ ଜନ୍ତ୍ର ଏବଂ ଷ୍ଟକ ରେଜିଷ୍ଟର ୭ ଦିନ ଭିତରେ ଚେକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବିଦ୍ୟୁତ ବିଭ୍ରାଟ ପାଇଁ ସମ୍ପୃକ୍ତ ଅଧିକାରୀ ଙ୍କୁ ତାଗିଦ କରିବା ସହ ବିକଳ୍ପ ବ୍ୟବସ୍ଥା ପାଇଁ କହିଥିଲେ । ଡାକ୍ତର ତଥା ମାନବ ସଂଶାଧନ ବୃଦ୍ଧି ଦିଗରେ ଆଲୋଚନା ହୋଇଥିଲା । ସମସ୍ୟାର ସମାଧାନ ଛଡା ଅନ୍ୟ କୌଣସି ବିକଳ୍ପ ରୁ ବିରତ ରହିବାକୁ କହିଛନ୍ତି । ଲକ୍ଷ୍ମୀ ଯୋର ସଫେଇ ପାଇଁ ୪୮ ଘଣ୍ଟା ର ମହଲତ ଦେଇଛନ୍ତି । କର୍ମ ରେ ଅବହେଳା କୁ ବିଲକୁଲ ପ୍ରଶୟ ନ ଦେବାକୁ ସେ ତାଗିଦ କରିଛନ୍ତି । ସେଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ସମୀକ୍ଷା ବୈଠକରେ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂ ଦେଓ, ବଲାଙ୍ଗୀର ବିଧାୟକ କଲିକେଶ ସିଂ ଦେଓ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ କୁମାର ମହାପାତ୍ର, ଡି ଏଫ ଓ ସୁଦର୍ଶନ ବେହେରା , ସିଡିଏମଓ ଡ଼ ପ୍ରଦୀପ କୁମାର ଗୁରୁ ଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ରଥ ଉପରେ ମୋବାଇଲ ମନା, ବିଶୃଙ୍ଖଳିତ ଆଚରଣ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ

ପୁରୀ, ୧୪।୭: ଆଡ଼ପ ପହଣ୍ଡି ବେଳେ ଚାରମାଳରେ ବଡ ଠାକୁର ଶ୍ରୀ ବଳଭଦ୍ର ପଡିବା ଘଟଣାରେ ପ୍ରତିକ୍ରିୟା ରଖି ନବନିଯୁକ୍ତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି ଯେ, ବ୍ୟବସ୍ଥାବଳୀ ଅନୁସାରେ ଯାହା ନୀତିକାନ୍ତି ରହିଛି କିଭଳି ଭାବେ ସଠିକ୍ ସମୟରେ ଏବଂ ସମସ୍ତଙ୍କର ସହଯୋଗରେ ସୁଚାରୁ ରୂପେ ସମ୍ପାଦନ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ। ଜିଲ୍ଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନୀତି ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଆମେ ଆଶା କରୁଛୁ ଏନେଇ ସମସ୍ତଙ୍କର ସହଯୋଗ ରହିବ । ଯେଉଁ ସେବକ ମାନେ ବିଶୃଙ୍ଖଳିତ ଆଚରଣ କରିବେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିଛି ସେବାୟତ ମୋବାଇଲ୍ ଫୋନ୍ ନେଇ ରଥ ଉପରକୁ ଯାଉଛନ୍ତି ଯେଉଁମାନେ ସେବା ଅଧିକୃତ ନୁହଁନ୍ତି । ଆଗକୁ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆମେ ସମ୍ପୃକ୍ତ ନିଯୋଗ ସହିତ କଥା ହୋଇଛୁ । ଆଶା କରିବୁ ସମସ୍ତେ ଏଥିରେ ସହଯୋଗ କରିବେ । ଯଦ୍ୱାରାକି ଆମ ସଂସ୍କୃତିର ପ୍ରଚାର ପ୍ରସାର ପରିବର୍ତେ କୌଣସି ପ୍ରକାର ନିନ୍ଦା ଅପବାଦ ଆଣିବେ ନାହିଁ । ସମ୍ପୃକ୍ତ ନିଯୋଗ ମାନଙ୍କ ସହିତ ଆଜି ସଂନ୍ଧ୍ୟାରେ ବୈଠକ ଅନୁଷ୍ଠିତ ହେବ ।

ଏନେଇ ଅଧିକ ସୂଚନା ଦେଇ ଶ୍ରୀ ପାଢୀ କହିଛନ୍ତି ଯେ, ଏ ବାବଦରେ ସମସ୍ତ ସେବକଙ୍କ ସହିତ କଥା ହେବୁ ଏବଂ ଏଥିରେ ସମସ୍ତଙ୍କର ସହଯୋଗ ରହିବ ବୋଲି ଆମେ ଆଶା କରୁଛୁ । ସେବକ ମାନେ ଏଥିରେ ସହୟତା କରିବେ ବୋଲି ଆମକୁ ପ୍ରତିଶୃତି ଦେଇଛନ୍ତି । ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା ସେଥିପାଇଁ ଆମେ ଠାକୁରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ । ଏବେ ପରିଚାଳନା କମିଟିର ଯାହା ସୂଚନା ଅନୁସାରେ ଏବଂ ଯେଉଁ ନିଷ୍ପତି ନିଆଯାଇଛି, ସେହି ଅନୁସାରେ ମଧ ଏକ କମିଟି ଗଠନ କରାଯାଇଛି । କମିଟିର ରିପୋର୍ଟ ଆସିବା ଯାଏଁ ଆମେ ନିଶ୍ଚିତ ଭାବେ ଅପେକ୍ଷା କରିବୁ । ଏବଂ ଏଭଳି ଘଟଣାର ଯେଭଳି ପୁନରାବୃତି ନହୁଏ, ସେଥି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ନିଶ୍ଚିତ ଭାବେ ଧ୍ୟାନ ଦେବ । ବାହୁଡ଼ା ପହଣ୍ଡି ଏବଂ ନୀଳାଦ୍ରି ବିଜେ ପହଣ୍ଡି ଏବଂ ଆଗକୁ ଶ୍ରୀଜୀଉଙ୍କ ଯାହା ବି ନୀତିକାନ୍ତି ରହିଛି, ସେସବୁ ସୁରୁଖୁରୁରେ ସମ୍ପାଦିତ ହେଉ ବୋଲି ଆମେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ । ଆଗକୁ ରଥ ଉପରେ କେହି ମୋବାଇଲ ଫୋନ୍ ର ବ୍ୟବହାର କରିପାରିବେ ନାହିଁ । ଫଟୋ ଉଠାଇ ପାରିବେ ନାହିଁ । ଆମେ ଏନେଇ ସେବକ ମାନଙ୍କୁ ନିବେଦନ କରିଛୁ, ପରାମର୍ଶ ଦେଇଛୁ । ଯେଉଁ ସେବକ ମାନଙ୍କର କୌଣସି ସେବା ନାହିଁ ସେମାନେ ରଥ ଉପରକୁ ଯିବେ ନାହିଁ ।

ପ୍ରକାଶ ଥାଉକି, ମଙ୍ଗଳବାର ରାତିରେ ଆଡ଼ପ ପହଣ୍ଡି ବେଳେ ଘଟିଥିଲା ଏହି ଅଘଟଣ । ଚାରମାଳରେ ଆଗକୁ ଝୁଙ୍କି ପଡିଥିଲେ ବଡ ଠାକୁର ଶ୍ରୀ ବଳଭଦ୍ର । ଫଳରେ ଜଣେ ଦଇତାପତିଙ୍କ ସମେତ ଏକାଧିକ ସେବାୟତ ଆହତ ହୋଇଥିଲେ ।

## ବସ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ ଅଳ୍ପକେ ବର୍ତ୍ତିଲେ କର୍ମଚାରୀ

କେନ୍ଦ୍ରାପଡ଼ା,୧୪।୭:କେନ୍ଦ୍ରାପଡା ପୌରାଂଚଳ ର ଜନ ଗହଳିପୂର୍ଣ୍ଣ କେଶପୁର ବଜାର ରେ ବସ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ୨ ଖଣ୍ଡ ହୋଇ ଭାଙ୍ଗି ଏକ କୋଠା ରେ ଆଉଜି ହୋଇ ରହିଥିବାରୁ ଯାତାୟତ କରୁଥିବା ଜନ ସାଧାରଣ ଓ ଗାଡି ମଟର ଅଳ୍ପକେ ଦୁର୍ଘଟଣାରୁ ବଂଚି ଯାଇଛନ୍ତି । ଆଜି ଅପରାହ୍ନ ପ୍ରାୟ ୫ଟା ବେଳେ କଳାହାଣ୍ଡି ରୁ ଅସିଥିବା ଏକ ଲକ୍ସଜରି ବସ ରାସ୍ତା କଡରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା । ଫଳରେ ବିଦ୍ୟୁତ୍ ଖୁଣ୍ଟଟି ମୂଳରୁ ଭାଙ୍ଗି କିଛିବାଟ ଘୁଂଚି ଯାଇ ଗୋଟିଏ କୋଠାରେ ଲାଖି ରହିଛି । ତେବେ ଷ୍ଟେ ତାର ବନ୍ଧା ହୋଇଥିବାରୁ ତଳେ ନପଡି ଝୁଲି ରହିଛି । ବିଦ୍ୟୁତ ସରବରାହ ଥିବାରୁ ଲୋକେ ଦୌଡା ଦୌଡି ହୋଇ ପଳାଇ ଯାଇଥିଲେ । ଏ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତେଜନା ପାଇବା ସହ ସ୍ଥାନୀୟ ଲୋକେ ବସରେ ଥିବା ଜଣେ ଲୋକକୁ ଧରି ଟାଉନ ଥାନାକୁ ଦେଇଥିବା ବେଳେ ବସଟି ସେଠାରୁ ଇଛାପୁର ଆଡକୁ ଚମ୍ପଟ ମାରିଥିଲା । ଟାଉନ ଥାନା ଅଧିକାରୀ ଦିଲିପ ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଁଚି ଉତେଜନାକୁ ପ୍ରଶମିତ କରିଥିଲେ ଓ ବିଦ୍ୟୁତ୍ ବିଭାଗକୁ ଖବର ଦେବାପରେ କର୍ମଚାରୀ ମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ଘଟଣା ସ୍ଥଳରେ ଆବଶ୍ୟକୀୟ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାରୁ ଉତେଜନା ଶାନ୍ତ ହୋଇଥିଲା ।



# ଓଡିଏମ ଏଜୁକେସନାଲ ଗ୍ରୁପର ୧୪୨ ଜଣ ଶିକ୍ଷକ ସ୍କୁଲ ଇନୋଭେସନ ଆମ୍ବାସାଡର ଭାବରେ ପ୍ରମାଣିତ

ଭୁବନେଶ୍ୱର,୧୪।୭: ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ସ୍ୱରୂପ ଭାରତର ଶିକ୍ଷା ମନ୍ତ୍ରଣାଳୟ ଏହାର ୧୪୨ ଜଣ ଶିକ୍ଷକଙ୍କୁ ସ୍କୁଲ ଇନୋଭେସନ ଆମ୍ବାସାଡର ଭାବେ ପ୍ରମାଣିତ କରିଛି । ଶିକ୍ଷକମାନଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରା ଏବଂ ଉଦ୍ୟୋଗୀ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା କଠୋର ସ୍କୁଲ ଇନୋଭେସନ ଆମ୍ବାସାଡର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଶିକ୍ଷକମାନେ ସଫଳତାର ସହ ଶେଷ କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୫ଟି ବିସ୍ତୃତ ମଡ୍ୟୁଲ୍ ଅଛି ଯଥା ଡିଜାଇନ୍ ଥିଙ୍କିଂ ଏବଂ ନୂତନତା, ଭାବନା ଉତ୍ପନ୍ନ ଏବଂ ହାଣ୍ଡହୋଲ୍ଡିଂ, ଉଦ୍ୟମୀତା ଏବଂ ପ୍ରୋଟୋଟାଇପ୍ ବିକାଶ, ବୌଦ୍ଧିକ ସମ୍ପତି ଅଧିକାର, ଏବଂ ଅର୍ଥ, ବିକ୍ରି, ଏବଂ ଏଚଆର।

ଓଡିଏମ୍ ଏଜୁକେଶନାଲ ଗ୍ରୁପ ସଂସ୍ଥାପକ ଡା. ସତ୍ୟବ୍ରତ ମିନକେତନ କହିଛନ୍ତି, "ଏହି ପ୍ରମାଣପତ୍ର ଆମ ଶିକ୍ଷକମାନଙ୍କର ନିଷ୍ଠା ଏବଂ ପ୍ରତିବଦ୍ଧତାର ପ୍ରତିକ। ଏହା ଏକ ନୂତନତା ଓ ଉଦ୍ୟମୀତା



ସଂସ୍କୃତିକୁ ନେଇଛି। ଇନୋଭେସନ ଆମ୍ବାସାଡର ହୋଇ ସେମାନେ ଏବେ ଆମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ଭାବନ ଓ ଉଦ୍ୟୋଗର ସଂସ୍କୃତି ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି, ଭବିଷ୍ୟତର ଆହ୍ୱାନ ପାଇଁ ସେମାନଙ୍କୁ ପ୍ରସ୍ତୁତ କରୁଛନ୍ତି ।" ସେହିଭଳି ନୂତନ ସର୍ଟିଫାଏଡ ଇନୋଭେସନ ଆମ୍ବାସାଡର ଓ ଓଡିଏମ ସାଫାୟର୍ ଗ୍ଲୋବାଲ୍ ସ୍କୁଲର ପ୍ରିନ୍ସିପାଲ ଅମିତ ସିଂହ କହିଛନ୍ତି, "ପ୍ରଶିକ୍ଷଣ ପରିବର୍ତ୍ତନଶୀଳ ହୋଇଛି । ଏହା ଆମକୁ କେବଳ ଉଦ୍ଭାବନ ଶିଖାଇବା ପାଇଁ ନୁହେଁ ବରଂ ଆମର ଦୈନନ୍ଦିନ ଶିକ୍ଷାଦାନ ଅଭ୍ୟାସରେ ଏହି ନୀତିଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାର ଉପକରଣ ପ୍ରଦାନ କରିଛି । ଆମେ ବର୍ତ୍ତମାନ ଭବିଷ୍ୟତର ଉଦ୍ଭାବକ ହେବା ଦିଗରେ ଆମର ଛାତ୍ରଛାତ୍ରୀମାନଙ୍କୁ ପୋଷଣ ଏବଂ ମାର୍ଗଦର୍ଶନ କରିବାକୁ ଅଧିକ ସୁସଜ୍ଜିତ ହୋଇଛୁ ।" ଏହି ୧୪୨ ଜଣ ଶିକ୍ଷକଙ୍କୁ ଇନୋଭେସନ ଆମ୍ବାସାଡର ଭାବେ ସାର୍ଟିଫିକେଟ୍ ମିଳିବା ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ପାଇଁ ଏକ ମାଇଲଖୁଂଟ, ଯାହା ଶିକ୍ଷାଗତ ଉତ୍କର୍ଷତା ଏବଂ ନବସୃଜନ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଏହି ପଦକ୍ଷେପ ଶିକ୍ଷକମାନଙ୍କ ପାଇଁ ନିରନ୍ତର ବୃତିଗତ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରୁଛି ଏବଂ ଶିକ୍ଷାର ଭବିଷ୍ୟତ ଗଠନରେ ଅଭିନବ ଚିନ୍ତାଧାରାର ଭୂମିକା ଉପରେ ଆଲୋକପାତ କରୁଛି । ଏହି ପ୍ରଶିକ୍ଷିତ ଇନୋଭେସନ ଆମ୍ବାସାଡରମାନଙ୍କ ସହ ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ସ୍କୁଲ ପାଠ୍ୟକ୍ରମରେ ଡିଜାଇନ୍ ଚିନ୍ତାଧାରା ଏବଂ ଉଦ୍ୟୋଗୀ ଦକ୍ଷତାକୁ ସମନ୍ୱିତ କରିବା ଦିଗରେ ନେତୃତ୍ୱ ନେବାକୁ ଯାଉଛି, ଯାହା ଭବିଷ୍ୟତର ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ଏକ ନୂତନ ପିଢ଼ିର ସୃଜନଶୀଳ ଏବଂ ସହନଶୀଳ ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହିତ କରିବ ।

# ଇଣ୍ଡିଆନ୍ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ଷ୍ଟର୍ମ-ଏକ୍ସ ରେସିଙ୍ଗ ଇନ୍ଧନ ବିତରଣ ଆରମ୍ଭ

## ମାଡ୍ରାସ ଇଣ୍ଟରନ୍ୟାସନାଲ୍ ସର୍କିଟ୍‌ରେ ହେବ ଉପଯୋଗ

ପାରାଦୀପ-୧୩।୦୭-ମୋଟର କାର ରେସିଙ୍ଗ ପାଇଁ ବିଶେଷ ରୂପରେ ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି ହାଇ-ଅକ୍ଟେନ୍ ଗ୍ୟାସୋଲିନ୍ ଷ୍ଟର୍ମ-ଏକ୍ସ । ଏହାର ପ୍ରଥମ ବିତରଣକୁ ପାଇପ୍ ଲାଇନ୍ ନିର୍ଦ୍ଦେଶକ ଏନ୍.ସେନ୍ଥିଲ କୁମାର, ନିର୍ଦ୍ଦେଶକ ଆଲୋକ ଶର୍ମାଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ(ମାର୍କେଟିଂ) ସତୀଶ କୁମାର ଆଭାସି ମାଧ୍ୟମରେ ଉନ୍ମୋଚନ କରିଥିଲେ । ଇଣ୍ଡିଆନ୍ ଅଏଲ୍‌ର ନିର୍ଦ୍ଦେଶକ ଶ୍ରୀକାନ୍ତ ମାଧବ ବୈଦ୍ୟଙ୍କ ଦ୍ୱାରା ପରିକଳ୍ପିତ ଏବଂ ଅନୁପ୍ରେରିତ ପ୍ରିମିୟମ୍ ରେସିଂ ଇନ୍ଧନ ଇଣ୍ଡିଆନ୍ ଅଏଲ୍ ମୋଟର ରେସିଂ ଇଭେଣ୍ଟ ପାଇଁ ଉନ୍ମୋଚନ କରିଛି । ଏହିକ ପ୍ରିମିୟମ୍ ରେସ୍ ଇନ୍ଧନକୁ ଫରିଦାବାଦସ୍ଥିତ ଇଣ୍ଡିଆନ୍ ଅଏଲ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର ଦ୍ୱାରା ବିକଶିତ ହୋଇଥିଲା ଏବଂ ପାରାଦିପ ରିଫାଇନାରୀରେ ଉତ୍ପାଦିତ ହୋଇଥିଲା। ଏହା ପାନିପଥ ରିଫାଇନାରୀର



୨ଜି ଇଥାନଲ୍ ଭଳି ସ୍ଥାୟି ଉପାଦାନ ସହିତ ହାଇ-ଅକ୍ଟେନ୍ ରେଟିଂ ଗ୍ୟାସୋଲିନ୍ ଷ୍ଟ୍ରିମ୍‌କୁ ମିଶ୍ରଣ କରେ । ଚଳିତ ବର୍ଷ ମାଡ୍ରାସ ଇଣ୍ଟରନ୍ୟାସନାଲ ସର୍କିଟ୍‌ରେ ହେବାକୁ ଥିବା ଭାରତୀୟ ଜାତୀୟ ରେସିଂ ଚମ୍ପିୟାନସିପ୍‌ର ତୃତୀୟ ଏବଂ ଚତୁର୍ଥ ରାଉଣ୍ଡ ପାଇଁ ଷ୍ଟର୍ମ-ଏକ୍ସର ଯୋଗାଣ ପାଇଁ ଇଣ୍ଡିଆନ୍ ଅଏଲ୍ ମାଡ୍ରାସ ମୋଟର ସ୍ପୋର୍ଟସ୍ କ୍ଲବ ସହିତ ସହଭାଗୀ ହୋଇଛି । ପ୍ରଥମ ପର୍ଯ୍ୟାୟରେ ତୃତୀୟ ରାଉଣ୍ଡ ପାଇଁ ଷ୍ଟର୍ମ-ଏକ୍ସର ୫୫ଟି ବ୍ୟାରେଲ୍ ପଠାଯାଇଥିବା ପାରାଦୀପ ରିଫାଇନାରୀ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଦେଶର ତୈଳ ଉତ୍ପାଦନ ଓ ବିତରଣରେ ଇଣ୍ଡିଆନ୍ ଅଏଲ୍ ତାର ଶ୍ରେଷ୍ଠତ୍ୱ ବଜାୟ ରଖିଛି ।

# ଖଇରା ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠରେ ପ୍ରତିଷ୍ଠା ଦିବସ ଓ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବଙ୍ଗୋମୁଣ୍ଡା,୧୪।୭ : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଖଇରା ସ୍ଥିତ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠରେ ୪୫ ତମ ପ୍ରତିଷ୍ଠା ଦିବସ ଏବଂ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ତଥା ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଡ. ନାରାୟଣ ମିଶ୍ରଙ୍କୁ ଛାତ୍ର ଛାତ୍ରୀଙ୍କ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ପଣ୍ଡିତ ଅକ୍ଷୟ କୁମାର ତ୍ୟାଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଡ. ନାରାୟଣ ମିଶ୍ର, ବରିଷ୍ଠ



କଳାକାର ସୁଧାକର ସାହୁ,ଶିକ୍ଷକ ଗିରିଧାରୀ ତ୍ୟାଗୀ,ରୋହିତ ରଣା,ବୀର ତାଣ୍ଡି, ସାମ୍ବାଦିକ ଅଶୋକ ନାରାୟଣ ଭୋଇ,ରଶ୍ମି ରଞ୍ଜନ ସାହୁ,ବିଜୟ ଜାନୀ,ସୁରେନ୍ଦ୍ର ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ପ୍ରତିଷ୍ଠାତା ଅବଧୂତ କୁଞ୍ଜି ବିହାରୀ ବାବାଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କଲା ପରେ ନବାଗତ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ଯପରେ ଛାତ୍ର ଛାତ୍ରୀଙ୍କ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ଡ. ନାରାୟଣ ମିଶ୍ରଙ୍କୁ ଉପଢୌକନ ଏବଂ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଛାତ୍ର ଛାତ୍ରୀ ବିଦାୟ ଜଣାଇଥିଲେ । ବୈଚନ୍ଦ୍ର ରଣା,ଶ୍ରୀମତୀ ହେମନ୍ତି ଭୋଇ,ଚନ୍ଦ୍ରକାନ୍ତି ଭୋଇ,ବାସନ୍ତି ଭୋଇ,ଯଜ୍ଞ କୁମାର ଜାନୀ ପ୍ରମୁଖ ସହଯୋଗ କରିଥିଲେ । ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଭାବ ବିହ୍ୱଳ ହୋଇପଡିଥିଲେ ଯପରେ ଖଇରା ଗ୍ରାମ ବସ୍ତିରେ ଭବାନୀ ଶଙ୍କର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଢୌକନ,ମାନପତ୍ର ପ୍ରଦାନ ପୂର୍ବକ ଡ. ନାରାୟଣ ମିଶ୍ରଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ମୋତିଲାଲ ଭୋଇ,ଓମ ପ୍ରକାଶ ରଣା,ବିଜୟ ଦେବ ଜାନୀ,ସୀମା ଲ ଭୋଇ,ପୂର୍ଣ୍ଣଚନ୍ଦ୍ର ଭୋଇ,ହରିଶଙ୍କର ଭୋଇ,ସୀତାକାନ୍ତ ଭୋଇ,ଘନଶ୍ୟାମ ଜାଲ,ନିରଞ୍ଜନ ରଣା,ବେଣୁଧର ରଣା, ଜଗଦୀଶ ରଣା,ବନ ବେହେରା,ଝସ ଚନ୍ଦନ ପ୍ରମୁଖ ଙ୍କ ସହ ଗ୍ରାମବାସୀ ସଂର୍କି ନ୍ୟ ସହ ଗ୍ରାମ ପରିକ୍ରମା କରି ବିଦାୟ ଦେଇଥିଲେ । ପୁରାତନ ଛାତ୍ର ଛାତ୍ରୀ ମଧ୍ୟ ସାମିଲ ହୋଇଥିଲେ ।

# ବିଶ୍ୱ ଐତିହ୍ୟ ସପ୍ତାହ ଉପଲକ୍ଷେ ଉପ ମୁଖ୍ୟମନ୍ତ୍ରୀଙ୍କ ନିମାପଡା ଠାରୁ ମା ମଙ୍ଗଳା ମନ୍ଦିର ପଦଯାତ୍ରା

କାକଟପୁର ୧୪।୭ : ବିଶ୍ୱ ଐତିହ୍ୟ ସପ୍ତାହ ପରିପ୍ରେକ୍ଷୀରେ ସୁପ୍ତ ସଂସ୍କୃତି, ଐତିହ୍ୟ ର ବିକାଶ ନିମନ୍ତେ ଓଡିଶା ର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ, ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡା ଠାରୁ କାକଟପୁର ମା ମଙ୍ଗଳାଙ୍କ ପୀଠ ପର୍ଯ୍ୟନ୍ତ ଏକ ପଦଯାତ୍ରା କରିଛନ୍ତି । ଏହି ପଦଯାତ୍ରା ମାର୍ଗରେ ଚଉରାଶି, ଠାରୁ ମା ମଙ୍ଗଳା ମନ୍ଦିର, କୋଣାର୍କ ଠାରୁ ଜାହାନିଆ। ପୀଠ ସମସ୍ତ ଐତିହ୍ୟ ପୀଠର ବିକାଶ ନିମନ୍ତେ ସାଧାରଣ ଲୋକଙ୍କ ଠାରୁ ଦାବୀ ତଥା ତାର ପୁନଃରୁଦ୍ଧାର ନିମନ୍ତେ ଯାହା ଆବଶ୍ୟକ ତାହା ପୂରଣ ଦିଗରେ ସେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସେ ମଙ୍ଗଳା ମନ୍ଦିର ଉନ୍ନତିକରଣ ପାଇଁ ୫୦କୋଟିର ଆର୍ଥିକ ମଞ୍ଜୁରୀ ପ୍ରଦାନ ପାଇଁ ପ୍ରତିଶୃତି ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ଆଜି ନିମାପଡା ସ୍ଥିତ ପୁର୍ଣ୍ଣେଶ୍ୱରୀ ମନ୍ଦିର ରେ ପୂଜାର୍ଚ୍ଚନା ପରେ ପଦଯାତ୍ରାରେ ବାହାରି ପ୍ରଥମେ ନିଜ ବାପଘର ନିଭରଣ ଯାଇଥିଲେ । ସେଠାରୁ ମନ୍ତ୍ରୀ ଶ୍ରୀମତୀ ପରିଡା ପାରମ୍ପରିକ ବାଦ୍ୟ





ସହିତ ଶହ ଶହ କର୍ମୀଙ୍କ ସହିତ ଚାଲି ଚାଲି ବଲରା ଠାରେ ପହଞ୍ଚିବା ପରେ କାକଟପୁର ଭାରତୀୟ ଜନତା ପାର୍ଟିର କର୍ମକର୍ତା। ରତିକାନ୍ତ ବେହେରା, ରାକେଶ କୁମାର ବିଶ୍ୱାଳ,ଉପେନ୍ଦ୍ର ସୁବୁଦ୍ଧି, କୈଳାଶ ଚନ୍ଦ୍ର ନାୟକ, ମଙ୍ଗଳା ସାମନ୍ତରାୟ, ସୁମିତ୍ରା ଘୋଷ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ମଙ୍ଗଳା ମନ୍ଦିରକୁ ପାଛୋଟି ଆଣିଥିଲେ । ମଙ୍ଗଳା ମନ୍ଦିର ରେ ପହଞ୍ଚିବା ପରେ ମଙ୍ଗଳା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା,ବିଡ଼ିଓ ବିଷ୍ଣୁ ଗୋବିନ୍ଦ,କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ମାନସ ଦୀକ୍ଷିତ ପ୍ରମୁଖ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ପରେ ପରେ ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଙ୍ଘ କାକଟପୁର ବ୍ଲକ ତରଫରୁ ସଭାପତି ପ୍ରିୟମ୍ବଦା ମିଶ୍ର, ସମ୍ପାଦିକା ଲଳିତା କୁମାରୀ ଦେଇ ସମେତ ସମସ୍ତ ଅଙ୍ଗନବାଡି କର୍ମୀ,ମନ୍ତ୍ରୀ ଙ୍କୁ ବନ୍ଦାପନା ଶହ ଉତ୍ତରୀୟ ପ୍ରଦାନ କରିବା ପରେ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ । ମଙ୍ଗଳା ମନ୍ଦିର ଦର୍ଶନ ଓ ପୂଜାର୍ଚ୍ଚନା ପରେ ମା ମଙ୍ଗଳାଙ୍କ ମନ୍ଦିର ବିକାଶ ପାଇଁ ଉପ ମୁଖ୍ୟମନ୍ତ୍ରୀ ପଚାଶ କୋଟି ଟଙ୍କା ଘୋଷଣା କରିଥିଲେ ।

# ବୁଗୁଡ଼ା ବଡଦାଣ୍ଡରେ ଶ୍ରୀ ଜଗନ୍ନାଥ ଭଜନ ସମାରୋହ



ବୁଗୁଡ଼ା,୧୪।୭ : ବୁଗୁଡ଼ା ବଡଦାଣ୍ଡସ୍ଥିତ ମାଉସୀ ମା ମନ୍ଦିର ସମ୍ମୁଖରେ ପବିତ୍ର ଗୁଣ୍ଡିଚ଼ା ରଥଯାତ୍ରା ଦିନରୁ ଶ୍ରୀ ଜଗନ୍ନାଥ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଅଛି ଯ ବିରି ନାରାୟଣ ମଠାଧୀଶ ଭକ୍ତରାମ ଦାସ ଏହି ଭଜନ ସମାରୋହକୁ ଉଦଘାଟନ କରିଥିବା ବେଳେ ଏଥିରେ କଣ୍ଠଶିଳ୍ପୀ ନିତ୍ୟାନନ୍ଦ ସାହୁ, ମୃତ୍ୟୁଞ୍ଜୟ ହୋତା , କେଦାର ବେହେରା, ଶଙ୍କର ସେଠୀ, ଗୌରହରି ସାହୁ, ଦିବାକର ମିଶ୍ର , ବସନ୍ତ ବିଷୋୟୀ , ସଞ୍ଜୟ କୁମାର ଷଡଙ୍ଗୀ, ଜୀବନ ସଂଗ୍ରାମ ହୋତା, ମାନସ ରଞ୍ଜନ ହୋତା, ଆଲୋକ ପୃଷ୍ଟି , ସଂଯୁକ୍ତା ରାଣୀ ସାହୁ , ଦେବକୀ ସାହୁ , ପ୍ରଭାତୀ ପ୍ରିୟଦର୍ଶିନୀ , ସନ୍ତୋଷିନୀ ସ୍ୱାଇଁ , ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ଭଜନ ପରିବେଷଣ କରୁଛନ୍ତି ଯ ଉକ୍ତ ଅଷ୍ଟ ଦିବସୀୟ କାର୍ଯ୍ୟକ୍ରମକୁ ହରିହର ସ୍ୱାଇଁ , ରବିନ୍ଦ୍ର କୁମାର ବେହେରା, ଶୁକୁଟା ଡାକୁଆ। , ଶିବ ନାୟକ ଓ ଦିଲ୍ଲିପ ସ୍ୱାଇଁ ପ୍ରମୁଖ ପରିଚାଳନା କରୁଛନ୍ତି ଯ ପବିତ୍ର ଗୁଣ୍ଡିଚ଼ା ଯାତ୍ରାଠାରୁ ଆରମ୍ଭ ହୋଇଥିବା ଏହି ଭଜନ ସମାରୋହ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଶ୍ରୋତାଙ୍କ ସମାବେଶ ଦେଖିବାକୁ ମିଳୁଅଛି ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତିନ ରାସ୍ତାର ଶିଳାନ୍ୟାସ କଲେ-ମନ୍ତ୍ରୀ ସୂର୍ଯ୍ୟବଂଶୀ

ଧାମନଗର,୧୪।୭ : ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଧାମନଗର ବ୍ଲକର ତିନୋଟି ସଡ଼କ ପାଇଁ ଶୁକ୍ରବାର ରାଜ୍ୟ ଉଚ୍ଚଶିକ୍ଷା,କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ। ଭାଷା ସାହିତ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ପୂଜାର୍ଚ୍ଚନା ପରେ ଶିଳାନ୍ୟାସ କରିଛନ୍ତି ଯ ଆର ଡି ପକ୍ଷରୁ ପ୍ରସ୍ତାବିତ ୭ କୋଟି ୮୪ ଲକ୍ଷର ଦଇପୁର-ଶନି - ମନ୍ଦିର ତାଳସିଠା ସଡକ,୫କୋଟି ୨୯ ଲକ୍ଷର ଅସୁରାଳି ଶ୍ରୀନାଥ ନଗର ସଡ଼କ ଏବଂ ୪କୋଟି ର ଧୂଷୁରୀ-ଗୋପବନ୍ଧୁନଗର ସଡକ ନିର୍ମାଣ ନିମନ୍ତେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଶିଳାନ୍ୟାସ କରିଥିଲେଯ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଆର ଡି ବିଭାଗ ଏସଡିଓ ରଞ୍ଜନ କୁମାର ନାୟକ,ବିଜେପି ନେତା



ଅଶୋକ ପୁହାଣ,ମନୋଜ ମଲ୍ଲିକ,ନାରାୟଣ ସାହୁ,ରଘୁନାଥ ଲେଙ୍କା,ଚତୁର୍ଭୁଜ ନାୟକ,ହରେକୃଷ୍ଣ ପାଢୀ,ଶରତ ଚନ୍ଦ୍ର ମହାନ୍ତି,ବିଦ୍ୟାଧର ରାଉତ, ସରପ ମୀନତି ସାହୁ, ସମିତି ସଭ୍ୟ ପାର୍ବତୀ ପ୍ରଧାନ,ଦୀପ୍ତି ରଞ୍ଜନ ଜେନା,ଅରବନ୍ଦ ପତି,ବୈକୁଣ୍ଠନାଥ ସାହୁ,ରାଜେନ୍ଦ୍ର କୁମାର ସାହୁ,ରାମଚନ୍ଦ୍ର ମିଶ୍ର, ଅଜୟ ବଳ,ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ଏବଂ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ବିରାଟ ଶୋଭାଯାତ୍ରାରେ ବିଜେପି କର୍ମୀମାନେ ଦଇପୁର ଠାରୁ ସ୍ୱାଗତ ଜଣାଇ ଅସୁରାଳି ଏବଂ ଧୂଷୁରୀ ପର୍ଯ୍ୟନ୍ତ ନେଇଥିଲେ । ଏହି ସମୟରେ ବିଭିନ୍ନ ସ୍ଥାନରେ ମହିଳା ମାନଙ୍କ ଦ୍ୱାରା ମନ୍ତ୍ରୀ ଏବଂ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ଆଇରନ୍ ଟ୍ରକ୍ ଓଭରଟେକିଙ୍ଗ କରି ଚଢି ଗଲା-ଚାଲିଗଲା ହୋମ୍‌ଗାର୍ଡଙ୍କ ଜୀବନ

## ୭ ଘଣ୍ଟା ପରେ ହଟିଲା ରାସ୍ତାରୋକ

ପାରାଦୀପ,୧୪।୭ : ପାରାଦୀପ ଉପକଣ୍ଠ ଦୋଛକି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ପାରାଦୀପ ଲକ୍ ଥାନାରେ କାର୍ଯ୍ୟରତ ହୋମଗାର୍ଡ ରାଜେନ୍ଦ୍ର ପ୍ରଧାନଙ୍କ ଉପରେ ଆଇରନ୍ ବୋଝେଇ ଟ୍ରକ୍ ଚଢି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶଯେ, ଶୁକ୍ରବାର ରାତିରେ ପାରାଦୀପ ଲକ୍ ଥାନାରେ କାର୍ଯ୍ୟରତ ନିକଟସ୍ଥ ବାଲିଡିଆ ଗ୍ରାମର ରାଜେନ୍ଦ୍ର ପ୍ରଧାନ ଏବଂ ତାଙ୍କ ସହିତ ତିନି ଜଣ ହୋମଗାର୍ଡ ଦୋଛକି ନିକଟରେ ଡ୍ୟୁଟି କରୁଥିଲେ । ଆଇରନ୍ ବୋଝେଇ ଟ୍ରକ୍ ଗୁଡିକ ଧାଡି ଭାଙ୍ଗି ଦ୍ରୁତଗତିରେ ରାସ୍ତାର ଡାହାଣ ପଟେ ଯିବା ଆସିବା କରୁଥିବାରୁ ସେମାନଙ୍କୁ ରୋକିବା ପାଇଁ ଏମାନଙ୍କୁ ସେଠାରେ ଡ୍ୟୁଟି ଦିଆ ଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଧାଡି ଭାଙ୍ଗି ଯାଉଥିବା ଏକ ଆଇରନ୍ ଟ୍ରକ୍‌କୁ ରାଜେନ୍ଦ୍ର ଓ ତାଙ୍କ ସହକର୍ମୀ ଅଟକାଇବା ବେଳେ ଆଇରନ୍ ଟ୍ରକ୍‌ଟି ରାଜେନ୍ଦ୍ରଙ୍କ ଉପରେ ଚଢି ଯାଇଥିଲା। ଦୁର୍ଘଟନା ଘଟାଇବା ପରେ ଟ୍ରକ୍ ଚାଳକ ଟ୍ରକ୍ ନେଇ ଘଟଣାସ୍ଥଳରୁ ଫେରାର



ହୋଇଯାଇଥିଲା। ଖବର ପାଇ ରାଜେନ୍ଦ୍ରଙ୍କ ପରିବାର ଓ ବାଲିଡିଆ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଂଚି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଦୁର୍ଘଟଣା ଘଟିଥିବା ସ୍ଥାନରୁ ମାତ୍ର ଦୁଇ-ତିନି କିଲୋମିଟର ମୃତ ରାଜେନ୍ଦ୍ରଙ୍କ ଘର ହୋଇଥିବା ବେଳେ ପୋଲିସ୍ ପରିବାରକୁ ସୂଚନା ନଦେଇ ତରବରିଆ ଭାବେ ଅଠରବାଙ୍କି ମେଡିକାଲକୁ ନେଇ ଯାଇଥିବାରୁ ପରିବାର ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଫଳରେ ପ୍ରାୟ ୭ ଘଣ୍ଟା ଧରି କଟକ-ପାରାଦୀପ ଓ ଚଣ୍ଡିଖୋଲ-ପାରାଦୀପ ରାସ୍ତା ବନ୍ଦ ରହିଥିଲା । ଯାହା ଫଳରେ ହଜାର ହଜାର ଗାଡି ମଟର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ । ଖବର ପାଇ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ପହଂଚି ଆଲୋଚନା କରିବା ପରେ ଗ୍ରାମବାସୀ ଓ ମୃତ ରାଜେନ୍ଦ୍ରଙ୍କ ପରିବାର ରାସ୍ତାରୁ ଉଠିଥିଲେ । ପ୍ରଶାସନ ପକ୍ଷରୁ ଦଶ ହଜାର ଟଙ୍କା ଓ ରୋଡକ୍ରସ୍ ପାଣ୍ଠିରୁ ତିରିଶ ହଜାର ଟଙ୍କା ମୃତ ରାଜେନ୍ଦ୍ରଙ୍କ ପରିବାରକୁ ଦିଆଯିବା ସହ ଡ୍ୟୁଟିରେ ଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିବାରୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଇନସ୍ୟୁରାନ୍ସ ବାବଦକୁ ଟଙ୍କା ସହିତ ସ୍ୱତନ୍ତ୍ର ସହାୟତା ପାଇଁ ହୋମଗାର୍ଡ ମହା ନିର୍ଦ୍ଦେଶକଙ୍କୁ ଚୋଠୋ କରିବ ପୋଲିସ୍ । ଏହି ସମସ୍ତ ଘଟଣା ନିରପେକ୍ଷ ତଦନ୍ତ ପାଇଁ ଶିଳ୍ପମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି । ତାଙ୍କ ପରିବାରରୁ ଜଣକୁ ନିଯୁକ୍ତି ଦେବା ପାଇଁ ପ୍ରୟାସ କରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଦୁର୍ଘଟଣା ଘଟାଇବା ଟ୍ରକ୍ ଓ ଡ୍ରାଇଭରକୁ ଅଟକ ରଖି ଲକ୍ ଥାନା ପୋଲିସ୍ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

# ମୃତକଙ୍କ ପରିବାର ପକ୍ଷରୁ ଦୋଷୀକୁ ଗିରଫ ଦାବି ନେଇ

## ଥାନା ଘେରାଉ,ଖୁବଶୀଘ୍ର ଗିରଫ କରାଯିବ-ଆଇଆଇସି

ଧାମନଗର,୧୪।୭ ଧାମନଗର ଥାନା ଅଧୀନରେ ଥିବା ଦଇପୁର ପଞ୍ଚାୟତର ବାବୁରିଗାଁ ନାରାୟଣପୁର ପା ନମ୍ବର କେନାଲ ନିକଟରେ ଗତ ୧୦ ତାରିଖରେ ଏକ ଲିମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଥିଲାଯ ସୂଚନା ଅନୁସାରେ ମୃତକ ଜଣକ ହେଲେ ଉକ୍ତ ପଞ୍ଚାୟତର ନାରାୟଣପୁର ଗ୍ରାମର ସୁରେନ୍ଦ୍ର ପଣ୍ଡା ବୟସ (୫୯ ବର୍ଷ)ଯିଏକି ଜଣେ କାର୍ଯ୍ୟରତ ଶିକ୍ଷକ ଥିଲେଯ ତେବେ ମୃତକଙ୍କ ପରିବାର ପକ୍ଷରୁ ଏହା ଏକ ସୁ କଳ୍ପିତ ହତ୍ୟା ଅଭିଯୋଗ ନେଇ ଧାମନଗର ଥାନାରେ ଲିଖିତ ଏତଲା ଦିଆଯାଇଛି । ପରିବାର ଲୋକେ ଏନେଇ କିଛି ପ୍ରମାଣ ମଧ୍ୟ ପୋଲିସକୁ ଦେଇଥିବା ଦାବି କରିଛନ୍ତି । ଆଜି ମୃତକଙ୍କ ପରିବାର ପକ୍ଷରୁ ଦୋଷୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଧାମନଗର ଥାନା ଘେରାଉ କରାଯାଇଥିବା ଦେଖିବାକୁ ମିଳିଛି । ଗତକାଲି ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିଜେ ଉକ୍ତ ପଞ୍ଚାୟତକୁ ଆସିଥିବା ବେଳେ ମୃତକଙ୍କ ପରିବାର ପକ୍ଷରୁ ତାଙ୍କୁ ମଧ୍ୟ ଏକ ଦାବିପତ୍ର ଦିଆଯାଇଛି । ତେବେ ଦାବିପତ୍ରକୁ ଗ୍ରହଣ କରି ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ସୁରେନ୍ଦ୍ରଙ୍କ ମୃତ୍ୟୁକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି । ସେମାନଙ୍କୁ ନ୍ୟାୟ ଓ ତାଙ୍କ ପରିବାରକୁ ସୁରକ୍ଷା ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତିଯ ଏନେଇ ମୃତକ ସ୍ୱର୍ଗତ ପଣ୍ଡାଙ୍କ ବିଧବା ପତ୍ନୀ ଉର୍ବଶୀ ପଣ୍ଡା,ଏକମାତ୍ର ପୁତ୍ର ଦେବଦୀପ ପଣ୍ଡା,କନ୍ୟା ମୋନାଲିସା ପଣ୍ଡା, ଭାଇ ରବିନ୍ଦ୍ର କୁମାର ପଣ୍ଡାଙ୍କ ସମେତ ୨୦ ରୁ ଊର୍ଦ୍ଧ୍ୱ ଗାଁ ଲୋକ ଧାମନଗର ଥାନାରେ ପହଞ୍ଚି ଦୋଷୀକୁ ଧରିବାକୁ ଦାବି କରିଥିଲେ । ଧାମନଗର ଥାନା ଆଇ ଆଇ ସି ଫନୀନ୍ଦ୍ର ଭୂଷଣ ନାୟକ ଘଟଣାର ତଦନ୍ତ ଜାରି ଅଛି ଏବଂ ଖୁବ ଶୀଘ୍ର ଫଳାଫଳ ସାମନାକୁ ଆସିବଯ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ନିଶ୍ଚୟ ଗିରଫ କରାଯିବ । ଏଥିପାଇଁ ସମୟ ଦେବାକୁ ସେ ପରିବାର ଲୋକଙ୍କୁ କହିବା ସହ ସେମାନଙ୍କୁ ମଧ୍ୟ ତଦନ୍ତରେ ସହଯୋଗ କରିବାକୁ କହିଥିଲେଯ ଏହି ଅବସରରେ ପୋଲିସ ମୃତକଙ୍କ ପରିବାର ବର୍ଗଙ୍କ ୧୬୧ ବୟାନ ରେକର୍ଡ କରିଥିବା ଜଣାଯାଇଛି ।



# ଅଗ୍ନିକାଣ୍ଡ ଘଟି ୮ ଦୋକାନ ଜଳିଗଲା

ଡେଲାଙ୍ଗ,୧୪।୭ : ପିପିଲି ତହସିଲ ଅର୍ନ୍ତଗତ ଦାଣ୍ଡମୁକୁନ୍ଦପୁର ବଜାରରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୮ଟି ଦୋକାନ ପୋଡି ପାଉଁସ ହୋଇଯାଇଛି । ମିଳିଥିବା ସୁଚନା ମୁତାବକ ଦାଣ୍ଡମୁକୁନ୍ଦପୁର ବଜାରରେ ଥିବା ଦୋକାନୀ ସବୁ ଦିନ ପରି ଦୋକାନ କାମ ସାରୀ ଘରକୁ ଯାଇଥାନ୍ତି । ଶିନିବାର ପ୍ରାୟ ରାତି ସାଢେ ଗୋଟେ ସମୟରେ ଦୋକାନରେ ନିଆଁ ଲାଗି ଜଳୁଥିବା ପଡୋଶି ଦେଖି ଡାକ ପକାଇଥିଲେ । ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ନିଆଁକୁ ଆୟତ କରିବା ସ୍ଥାନୀୟ ଲୋକଙ୍କ ପକ୍ଷରେ ସମ୍ଭବପର ହୋଇ ପାରିନଥିଲା । ଖବର ପାଇ ସତ୍ୟବାଦୀ ଓ ଡେଲାଙ୍ଗରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ସ୍ଥାନୀୟ ଲୋକମାନଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ । ତେବେ ନିମିସକେ ୮ଟି ଦୋକାନ ସମେତ ଲକ୍ଷାଧିକ ଟଙ୍କା ମୁଲ୍ୟର ସମଗ୍ରୀ ସବୁ ପୋଡି ପାଉଁସ ହୋଇଯାଇଛି । ସକାଳୁ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ,ବ୍ଲକ ଅଧକ୍ଷା ଦେବସ୍ୱିନି ନନ୍ଦ ଘଟଣାସ୍ଥଳରେ ପହଂଚି ଅଗ୍ନି ବିପନ ଦୋକାନୀଙ୍କୁ ଭେଟି ସମବେଦନ। ଜଣାଇଥିଲେ । ଅଗ୍ନିକାଣ୍ଡର କାରଣ ଜଣାପଡିନଥିବା ବେଳେ ସଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଦାଣ୍ଡମୁକୁନ୍ଦପୁର ଆରଆଇ ଘଟଣାସ୍ଥଳରେ ପହଂଚି ସରଜମିନ ତଦନ୍ତ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି ।



# ହାଉଜଖାସ ମନ୍ଦିରରେ ପାଲା ପରିବେଷଣ : ଭକ୍ତ ଅଭିଭୂତ




ନୂଆଦିଲ୍ଲୀ : ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ସର୍ବ ବୃହତ ଜଗନ୍ନାଥ ମନ୍ଦିରଠାରେ ଗତ ୭ତାରିଖ ରଥଯାତ୍ରା ଠାରୁ ଆରମ୍ଭ କରି ଆଗାମୀ ୧୭ତାରିଖର ସୁନା ବେଶ ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହେଉଥିବା ଜଣାଯାଇଛି। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ଆନୁକୂଲ୍ୟରେ ଆୟୋଜନ କରାଯାଉଥିବା ଏହି ଭବ୍ୟ କାର୍ଯ୍ୟକ୍ରମ ଅଧିନରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଓଡ଼ିଶା ଓ ଭାରତବର୍ଷର ବହୁ ଖ୍ୟାତାନାମା କଳାକାର ସେମାନଙ୍କର ଅନନ୍ୟ ଓ ଅନୁପମ କଳା ଚାତୁର୍ଯ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ବିମୋହିତ କରୁଥିବା ଲକ୍ଷ୍ୟ କରାଯାଉଛି। ମନ୍ଦିରର ବେସମେଣ୍ଟସ୍ଥିତ ଆଡପ ମଣ୍ଡପରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ପରିବେଷିତ ହେଉଥିବା ଏହି ଦିବ୍ୟ ଓ ଭବ୍ୟ ପ୍ରସ୍ତୁତି ଗୁଡ଼ିକୁ ଦେଖିବା ପାଇଁ ଏଠାରେ ପ୍ରତ୍ୟହ ସହସ୍ରାଧିକ ଶ୍ରଦ୍ଧାଳୁ ମାନଙ୍କର ସମାଗମ ହେଉଥିବା ଦେଖାଯାଉଛି। ସାଂସ୍କୃତିକ ସମାରୋହର ବିଶେଷ ଆକର୍ଷଣ ପ୍ରସିଦ୍ଧ ପାଲା ଗାୟିକା ସ୍ୱର୍ଣ୍ଣପ୍ରଭା ଲେଙ୍କାଙ୍କର ଅଭିନବ ଧରଣର ପାଲା ପରିବେଷଣ ଥିଲା। 'ସତୀ ତୁଳସୀ' ଶୀର୍ଷକ ପାଲା ଉପସ୍ଥାପନ କରୁଥିବା ସମୟରେ ଶ୍ରୀମତୀ ଲେଙ୍କାଙ୍କର ବୈଦ୍ୟୁତିକ ଢଙ୍ଗରେ ପଦ ଚାଳନା, ହୃଦୟସ୍ପର୍ଶୀ ଅଙ୍ଗଭଙ୍ଗୀ, ଉଚ୍ଚକୋଟିର ଉଚ୍ଚାରଣ ଶୈଳୀ ତଥା ସର୍ବୋପରି ସୁନ୍ଦର, ସୁମଧୁର ଓ ସୁଲଳିତ ଗାୟନକ୍ରମ ଦର୍ଶକମାନଙ୍କୁ ଅଭିଭୂତ କରିଦେଇଥିଲା। ସ୍ୱର୍ଣ୍ଣପ୍ରଭାଙ୍କର ପ୍ରାଞ୍ଜଳ ଏବଂ ଜୀବନ୍ତ ଢଙ୍ଗରେ ପଦ୍ମ ପୁରାଣରେ ମା' ବୃନ୍ଦାବତୀଙ୍କର ବୈଶିଷ୍ଟ୍ୟ ବର୍ଣ୍ଣନା, ଭକ୍ତମାନଙ୍କୁ ଭଗବତ ସତ୍ତାର ଅନୁଭୂତି ପ୍ରଦାନ କରିବାର ସୁଯୋଗ ସୃଷ୍ଟି କରିଥିଲା। ନାରାୟଣଙ୍କର ମସ୍ତକରେ ରହି ତୁଳସୀ ପୂଜା ପାଇବାର ଉପାଖ୍ୟାନ ଉପସ୍ଥିତ ଶ୍ରୋତା ମାନଙ୍କୁ ଭାବବିହ୍ୱଳିତ କରି ଐଶ୍ୱରିକ ଆନନ୍ଦ ପ୍ରଦାନ କରୁଥିବା ଅନୁଭବ କରାଯାଇଥିଲା। ଏହି ସାଂସ୍କୃତିକ ଆସର ଅବସରରେ ବରିଷ୍ଠ ସାମ୍ବାଦିକ ଓ ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ ଅତିଥିଭାବେ ଯୋଗ ଦେଇଥିଲେ। ଶ୍ରୀ ଦ୍ୱିବେଦୀ ପାଲା ଗାୟିକା ସ୍ୱର୍ଣ୍ଣପ୍ରଭା ଲେଙ୍କା ଏବଂ ତାଙ୍କର ସାଥି କଳାକାର ବୃନ୍ଦ ଯଥା ତପନ କୁମାର ପାଲ, ରତ୍ନାକର ଜେନା, ବିପିନ ପାଲ, ସୁଶାନ୍ତ ପଢ଼ିଆରୀ ଓ ଅଭିମନ୍ୟୁ ଲେଙ୍କା ପ୍ରମୁଖଙ୍କୁ ମନ୍ଦିର ତରଫରୁ ଅଙ୍ଗବସ୍ତ୍ର ଓ ଫଳକ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ମନ୍ଦିର ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଦିଲ୍ଲୀପ ସ୍ୱାଇଁ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଅଭିରାମ ସୁତାର ସମ୍ବର୍ଦ୍ଧନା ପ୍ରକ୍ରିୟାରେ ସହଯୋଗ କରିଥିଲେ।ସୁଦକ୍ଷ ଉପସ୍ଥାପିକା ସ୍ୱର୍ଣ୍ଣପ୍ରଭା ପତି ସମଗ୍ର କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସଞ୍ଚାଳନା କରିଥିଲେ। ଚଳିତବର୍ଷର ସାଂସ୍କୃତିକ ସମାରୋହ ଅଭୂତପୂର୍ବ ସଫଳତା ହାସଲ କରିବା ପଛରେ ମୁଖ୍ୟ ସଂଗଠକ ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନଙ୍କର ଭୂମିକା ବେଶ ମହତ୍ୱପୂର୍ଣ୍ଣ ଥିଲା।

# ବାଉଁଶ, ଜାଲି ଘେରାଇ ବୃକ୍ଷ ରୋପଣ



ଭୁବନେଶ୍ୱର, ୧୪/୭ : ଗଙ୍ଗୁଆ ବ୍ରୀଜ୍ ନିକଟରୁ ଶିଶୁପାଳଗଡ଼ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଆଂଚଳିକ ବିକାଶ ପରିଷଦ(ଏବିପି) ପକ୍ଷରୁ ଚାରା ବୃକ୍ଷ ରୋପଣ କରାଯାଇଛି। ଏବିପି ସଦସ୍ୟ, ବୁଦ୍ଧିଜୀବୀ ତଥା ପ୍ରକୃତିପ୍ରେମୀଙ୍କ ଦ୍ୱାରା ଚାରା ରୋପଣ କରାଯାଇ ବାଉଁଶ ବତା ପୋତି ତାର ଜାଲି ବନ୍ଧା ଘେରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଂଚଳିକ ବିକାଶ ପରିଷଦର ବୃନ୍ଦାବନ ସାହୁ, ଅକ୍ଷୟ ସ୍ୱାଇଁ, ଅରୁଣ କୁମାର ପୁରୋହିତ, ପରିବେଶବିତ୍ ଲିଙ୍ଗରାଜ ସାହୁ, ଲକ୍ଷ୍ମୀଧର ପ୍ରଧାନ, ସଂଘଠନର ବରିଷ୍ଠ ସଭ୍ୟ ପ୍ରଶାନ୍ତ ମିଶ୍ର, ସୁମନ୍ତ ସୁବୁଦ୍ଧି, ଲିଙ୍ଗରାଜ ଜେନା, ପ୍ରକାଶ ସ୍ୱାଇଁ, ଅଶ୍ୱିନୀ ସାହୁ, ସଞ୍ଜୟ ଦାସ, ପ୍ରଦୀପ୍ତ ପ୍ରଧାନ, ଲଳିତ ବେହେରା, ବିଷ୍ଣୁ ବିଶ୍ୱାଳ, ସୌମ୍ୟା ପରିଡ଼ା, ପ୍ରଦ୍ୟୁମ୍ନ ଜେନା, ଆଲୋକ ସାହୁ, ରଘୁନାଥ ସ୍ୱାଇଁ, ମଦନ ମହାପାତ୍ର, ତନୁ ସ୍ୱାଇଁ, ଅକ୍ଷୟ ସାହୁ, ଘନଶ୍ୟାମ ବେହେରା, ପ୍ରମୁଖ ପରିଚାଳଣା କରିଥିଲେ। ବର୍ଷାକୁ ଆଖି ଆଗରେ ରଖି ଆଗକୁ ବୃକ୍ଷରୋପଣ କରାଯିବ ବୋଲି ସଂଗଠନ ପକ୍ଷରୁ ଘୋଷଣା କରାଯାଇଥିଲା।

# ଓଡ଼ିଶା ଗ୍ରାମ ପଞ୍ଚାୟତ ପିଅନ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି

# କେବେ ଗ୍ରାମ ପଞ୍ଚାୟତ ପିଅନଙ୍କ ଭାଗ୍ୟ ବଦଳିବ ?



ଭୁବନେଶ୍ୱର, ୧୪।୭ : ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ପିଅନ ମହାସଂଘ ପକ୍ଷରୁ ପିଅନ କର୍ମଚାରୀମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ବୈଠକ ସଂଘର କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ସେନାପତି ଓ ସଂଘର ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳଙ୍କ ତତ୍ତ୍ୱାବଧାନରେ ପୁରୁଣା ଭୁବନେଶ୍ୱରସ୍ଥିତ ଡାଲମିଆ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ କର୍ମଚାରୀ ମାନଙ୍କର ବହୁବର୍ଷର ପୁରୁଣା ୧୦ଗୋଟି ଦାବି ଯଥା : (୧) ୬୭୯୪ ଗ୍ରାମ ପଞ୍ଚାୟତମାନଙ୍କରେ ଗୋଟିଏ ଲେଖାଏଁ ସ୍ଥାୟୀ ପିଅନ ପଦବୀ ସୃଷ୍ଟି କରିବା ସହିତ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ କରିବା (୨) ଓଡ଼ିଶା ଗ୍ରାମ ପଞ୍ଚାୟତ ୨୦୧୪ ମସିହା ୧୨୫ ନିୟମକୁ ଉଚ୍ଛେଦ କରିବା ଓ ୧୯୬୪ ମସିହା ୧୨୩ ଆଇନକୁ ତୁରନ୍ତ ବିଧାନସଭାରେ ଉପସ୍ଥାପନ କରାଯାଇ ସଂଶୋଧନ କରିବା (୩) ଯେପର୍ଯ୍ୟନ୍ତ ପଞ୍ଚାୟତରେ ନୂତନ ସ୍ଥାୟୀ ପିଅନ ପଦବୀ ନିଯୁକ୍ତି ସୃଷ୍ଟି କରିନାହାଁନ୍ତି, ତେବେ ପଞ୍ଚାୟତ ମାନଙ୍କରେ ଡିପିଓଙ୍କ ଠାରୁ ଅନୁମୋଦନ ଆଦେଶ ପତ୍ର ପାଇ କାର୍ଯ୍ୟ କରୁଥିବା ପିଅନମାନଙ୍କୁ ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା ଦୈନିକ ସର୍ବନିମ୍ନ ମଜୁରୀ ୪୫୦ ଟଙ୍କା ପ୍ରଦାନ କରିବା ନିମନ୍ତେ ପ୍ରତ୍ୟେକ ପଞ୍ଚାୟତକୁ ସର୍କୁଲାର ଶ୍ରମ ଓ ନିୟୋଜନ ବିଭାଗ ରୁ ପଠାଇବା ବ୍ୟବସ୍ଥା କରାଯିବା ପାଇଁ ଦାବି। ପଞ୍ଚାୟତିରାଜ ବିଭାଗରେ କର୍ମଚାରୀମାନଙ୍କ ସବିଶେଷ ତଥ୍ୟ ତାଲିକା ପଞ୍ଜିକରଣ କିରବା ଓ ଚାକିରି କ୍ଷେତ୍ରରେ ସାମାଜିକ ସୁରକ୍ଷା ପ୍ରଦାନ କରିବା। ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା, ଅର୍ଥ ବିଭାଗରେ ଗ୍ରାମ ପଞ୍ଚାୟତ ପିଅନ କର୍ମଚାରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବଜେଟ ରଖିବା। ପ୍ରତି ମାସକୁ ମାସ ପଞ୍ଚାୟତ ପିଅନମାନଙ୍କୁ ଅନଲାଇନ ମାଧ୍ୟମରେ ମାସିକ ଦରମା ପ୍ରଦାନ କରିବା ଭଳି ଦାବିଗୁଡ଼ିକୁ ରାଜ୍ୟ ସରକାର ସୁବିଚାର କରିବା ନିମନ୍ତେ ବୈଠକରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ପ୍ରକାଶଯୋଗ୍ୟ ଯେ, ବହୁବର୍ଷ ଧରି ଗ୍ରାମ ପଞ୍ଚାୟତମାନଙ୍କରେ ସରକାରୀ ଅନୁଦାନ ପାଇବା ଆଶା ରଖି ଏହି କର୍ମଚାରୀମାନେ ପଞ୍ଚାୟତରେ ପଡ଼ି ରହିଛନ୍ତି। ଏହି ସମସ୍ୟାକୁ ସମାଧାନ କରିବା ନିମନ୍ତେ ବିଗତ ଦିନମାନଙ୍କରେ କର୍ମଚାରୀ ସଂଘ ପକ୍ଷରୁ ଉଭୟ ଶାସନ ଓ ପ୍ରଶାସନ ନିକଟରେ ଦାବି କରାଯାଇଅଛି। ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ପଞ୍ଚାୟତିରାଜ ମନ୍ତ୍ରୀ, ମାନ୍ୟବର ଆଇନ ମନ୍ତ୍ରୀ ଓ ଅର୍ଥମନ୍ତ୍ରୀ, ମାନ୍ୟବର ଶ୍ରମ ଓ ନିୟୋଜନ ମନ୍ତ୍ରୀ, ସମ୍ମାନନୀୟ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏହି ବୈଠକରେ ବିଭିନ୍ନ ଜିଲ୍ଲାରୁ କର୍ମଚାରୀ ସଂଘ ପକ୍ଷରୁ ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ବ୍ଲକସ୍ତରୀୟ ସଂଘ କର୍ମଚାରୀମନେ ଯୋଗଦାନ କରି ସଭାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।

# ଅମାନବୀୟ କାଣ୍ଡ, ନିଆଁ ଲଗାଇ ଦୋକାନ କ୍ୟାବିନ୍ ପୋଡିଦେଲେ

ବଳଙ୍ଗା,୧୪।୭ : ବଳଙ୍ଗା ଥାନା ଅନ୍ତର୍ଗତ ପିପିଲି-ନିମାପଡା ମୁଖ୍ୟ ରାସ୍ତାର ଦଳ ଭାଣ ପୁର ଛକ ଠାରେ ଦୁର୍ବୃତ ମାନେ ନିଆଁ ଲଗାଇ ଏକ ପାନ ଦୋକାନ କ୍ୟାବିନ୍‌କୁ ପୋଡି ଦେଇଥିବା ବଳଙ୍ଗା ଥାନାରେ ଲିକ୍ଷିତ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ୍ ଘଟଣାର ତଦନ୍ତ ଜାରିରଖିଛି । ଗତ କାଲି ରାତିରେ ଦଳ ଭାଣ ପୁର ଛକରେ ପାନ ଦୋକାନ କରିଥିବା ମାନି ହୋଇ ଦୋକାନ କ୍ୟାବିନ୍‌କୁ ଲାଗିଥିବା ନିଜ ଘରେ ଶୋଇଥିଲେ । ବିଳମ୍ବିତ ରାତିରେ କ୍ୟାବିନ୍ ପୋଡିଯାଉଥିବା ଦେଖି ଲୋକମାନେ ଡାକ ପକାଇଥିଲେ । ମାତ୍ର ସେତବେଳକୁ କ୍ୟାବିନ୍‌ଟି ସମ୍ପୁନ ଭାବେ ପୋଡିଜାଇଥିଲା । ଦୁଇ ଦିନ ତଳେ କୌଣସି କାରଣକୁ ନେଇ ମାନୀଙ୍କର କିଛି ଯୁବକଙ୍କ ସହ ପାଟି ତୁଣ୍ଡ ହୋଇଥିଲା । ଯାହାଫଳରେ ଆକ୍ରୋଶ ମୁଳକ ଭାବେ ମାନୀ ଙ୍କ ଦୋକାନରେ କେହି ନିଆଁ ଲଗାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି ।

# ସାପ୍ତାହିକ ହାଟରୁ ପାଣି ଖଲାସ ହେଉନି, ଖାଉଟି ବ୍ୟବସାୟୀ ହନ୍ତ ସନ୍ତ



ବଳଙ୍ଗା,୧୪।୭ : ବଳଙ୍ଗା ବଜାରରେ ଡ୍ରେନେଜ୍ ବ୍ୟବସ୍ଥା ସମ୍ପୁର୍ଣ୍ଣ ବପର୍ଯ୍ୟସ୍ତ ଓ ଡ୍ରେନ୍‌କୁ ଜବରଦଖଲ ଯୋଗୁ ବଜାରରୁ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି । ଯାହା ଫଳରେ ବର୍ଷା ଆରମ୍ଭରୁ ବଜାରରୁ ପାଣି ଖଲାସରେ ବାଧା ଉପୁଜିଛି । ଯାହା ଫଳରେ ଆଜି ବଳଙ୍ଗା ସାପ୍ତାହିକ ହାଟରୁ ପାଣି ଖଲାସ ହୋଇନପାରି ଲହରି ଖେଳୁଛି । ବ୍ୟବସାୟି ଠାରୁ ଆରମ୍ଭକରି କିଣିଖିଆ ଗ୍ରାହକ ପର୍ଯ୍ୟନ୍ତ ହାଟ ମଧ୍ୟକୁ ଯାଇ କାର ବାର କରିବା ନିମନ୍ତେ । ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବ୍ୟସାୟୀ ମାନେ ପାଣିରେ ବସି ପନିପରିବା ବିକ୍ରିକରୁଥିବା ବେଳେ କିଣିଖିଆ ଗ୍ରାହକ ମାନେ ପନିପରିବା କିଣିବା ପାଇଁ ପାଣି କାଦୁଅ ପଚ୍ ପଚ୍ ହାଟ ମଧ୍ୟକୁ ଜିବାକୁ ବାଧ୍ୟ ହେଉଛନ୍ତି । ବଜାରରୁ ପାଣି ଖଲାସ ପାଇଁ ହୋଇଥିବା ଡ୍ରେନ୍ ବିଭିନ୍ନ ସ୍ଥାନରେ ଜବର ଦଖଲ ଓ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ । ପଞ୍ଚାୟତ କର୍ତ୍ତୁପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି ।



# ଦୁର୍ଲଭ ବ୍ରହ୍ମ କମଳ ଫୁଲ ପ୍ରସ୍ଫୁଟିତ, ଶ୍ରୀ ଜଗନ୍ନାଥଙ୍କ ପାଖକୁ ଲାଗି ପାଇଁ ପଠା ଗଲା

ବଳଙ୍ଗା, ୧୪।୭ : ବଳଙ୍ଗା ନିକଟସ୍ଥ କୋଳିତଳ ଗ୍ରାମର ବୁଧନାଥ ପୁହାଣଙ୍କ ଘରେ ୩ଗୋଟି ଦୁର୍ଲଭ ବ୍ରହ୍ମକମଳ ଫୁଲ ଫୁଟିବା ଘଟଣା ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଛାତ ଉପରେ ଫୁଲକୁଣ୍ଡରେ ୨ବର୍ଷ ତଳେ ଉକ୍ତ ଗଛକୁ ଲଗାଇଥିଲେ । ଫୁଲ ଫୁଟିଲେ ଏହାକୁ ପୁରୀର ଶ୍ରୀ ଜଗନ୍ନାଥଙ୍କ ପାଖକୁ ପଠାଇବା ସହ ସ୍ଥାନୀୟ ପତିତ ପାବନଙ୍କ ଠାରେ ଲାଗି କରିବେ ବୋଲି ମାନସିକ କରିଥିଲେ । ଶନିବାର ରାତିରେ ଫୁଲ ଫୁଟିଥିବା ଦେଖି ଆଜି ସେହିଫୁଲକୁ ସେ ମହାପ୍ରଭୁଙ୍କ ପାଖକୁ ଲାଗି ପାଇଁ ନେଇଛନ୍ତି ।

# ରାଜଭବନ ପରିସରରେ ଧ୍ୟାନ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୭ : ଚଳିତ ଜୁଲାଇ ୧୪ ତାରିଖ ରବିବାର ଦିନ ଏକ ଆଧ୍ୟାତ୍ମିକ ପରିବେଶରେ ରାଜଭବନ



ପରିସରରେ ସ୍ଥାପିତ ଧ୍ୟାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ରଘୁବର ଦାସଙ୍କ ପୌରହିତରେ ଯଥାରିତି ପୂଜାକାର୍ଯ୍ୟ ସଂପନ୍ନ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ରାଜଭବନର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଓସ୍ତପୁର ଗ୍ରାମରେ ଗ୍ରୀଲଭାଙ୍ଗି

## ଲକ୍ଷାଧିକ ଟଙ୍କାରେ ସୁନାଗହଣା ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା, ୧୪।୭: କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମର ପ୍ରିୟଦର୍ଶନ ସ୍ୱାଇଁଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ କେହିନଥିବାର ସୁଯୋଗ ନେଇ ଗ୍ରୀଲ ଭାଙ୍ଗି ଘର ଭିତରେ ଚୋର ପସିବା ସହିତ ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା କେହି ଲୁଟ କରିନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି । ପ୍ରିୟଦର୍ଶନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ପରିବାର ସହ କଟକ ଯାଇଥିବା ବେଳେ ଗତକାଲି ଅପରାହ୍ନ ୩ଟା ୧୭ମିନିଟ ସମୟରେ କେହି ଜଣେ ଆସି ତାଙ୍କ ଘରେ ଲାଗିଥିବା ସି.ସି. ଟିଭି କ୍ୟାମେରାର ମୁହଁକୁ ବଦଳାଇ ଦେଇଥିଲା। ରାତି ୭ଟାରେ ପ୍ରିୟଦର୍ଶନ ତାଙ୍କ ଦାଦାପୁଅ ଭାଇକୁ ଫୋନ କରି ଦେଖି ଆସିବାକୁ ପଠେଇଥିଲେ। ସେ ଯାଇ ସେଠାରେ ରାତି ସାଢେ୮ଟା ଯାଏ ଥିଲା ଓ ପ୍ରିୟଦର୍ଶନକୁ ଆସି କହିଲା ସବୁ ଠିକ ଅଛି। ସାଢେ ୮ଟାରୁ ୯ଟା ଭିତରେ କେହି ଦୁର୍ବୃତ୍ତ କଟରରେ ଗ୍ରୀଲ କାଟି ତାଙ୍କ ଘରେ ପସି ନଗଦ



୪୦ହଜାର ଟଙ୍କା ସମେତ ୨୫ଗ୍ରାମର ୫ଟି ସୁନା କାନଫୁଲ, ୧୩ଗ୍ରାମର ଗୋଟିଏ ସୁନାଚେନ, କାନଫୁଲ ଚେନ ୬ଗ୍ରାମର ୨ଟି, ଲକେଟ ୪ଗ୍ରାମର ୨ଟା, ବାଲା ୧୨ଗ୍ରାମର ହଳେ, ନାକଫୁଲ ୨ଗ୍ରାମର ୨ଟି, ରୂପା ଥାଳିଆ ଗୋଟିଏ, ଚୁନା ରୂପା ୨୫୦ଗ୍ରାମ ଓ ଘଣ୍ଟା ଗୋଟିଏ ଚୋରି କରି ନେଇଯାଇଛି। ତେଣୁ ଏହାର ତଦନ୍ତ କରାଯାଇ ଚୋରକୁ ଧରିବା ପାଇଁ ସେ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଆଜି ସଦର ଥାନା ପୋଲିସ ଡଗ୍ ସ୍କ୍ୱାର୍ଡ ଓ ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଥିବା ଥାନାଧିକାରୀଙ୍କ ଠାରୁ ସୂଚନା ମିଳିଛି।

# କେନ୍ଦ୍ରାପଡା ମହାବିଦ୍ୟାଳୟର ଆଲୁମିନି ବୈଠକ

## କଲେଜରୁ ଏସି ଚୋରି ଘଟଣାର ଉପଯୁକ୍ତ ତଦନ୍ତ ପୂର୍ବକ ଦୋଷୀଙ୍କୁ ଦଣ୍ଡିତ ପାଇଁ ତଦନ୍ତକାରୀ ସଂସ୍ଥାକୁ ଦାବି

କେନ୍ଦ୍ରାପଡ଼ା, ୧୪।୭: କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଆଲୁମିନି ବୈଠକ ସଭାପତି ପ୍ରାଧାପକ ନନ୍ଦ କିଶୋର ପରିଡାଙ୍କ ଅଧକ୍ଷତାରେ ଆଜି କଲେଜ ମିନି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାବିଦ୍ୟାଳୟରୁ ଏସି ଚୋରି ଘଟଣାର ଉପଯୁକ୍ତ ତଦନ୍ତ ପୂର୍ବକ ପ୍ରକୃତ ଅଭିଯୁକ୍ତଙ୍କୁ ଦଣ୍ଡିତ କରାଯିବା ପାଇଁ ତଦନ୍ତକାରୀ ସଂସ୍ଥା ନିକଟରେ ଦାବି କରାଯାଇଛି। ଆସନ୍ତା ଅଗଷ୍ଟମାସ ୨୫ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବିଧାୟକ, ସାଂସଦଙ୍କ ସମେତ ଏହି ମହାବିଦ୍ୟାଳୟର




ପୁରାତନ ଛାତ୍ର ତଥା ବଡଚଣା ବିଧାୟକ ଅମର କୁମାର ନାୟକଙ୍କୁ ଯୋଗଦେବାକୁ ନିବେଦନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ଆଲୁମିନି ସମ୍ପାଦକ ବିଧୁଭୂଷଣ ଦାସ, ଯୁଗ୍ମ ସମ୍ପାଦକ ଡ. ଅମୀୟ ମହାନ୍ତି ଓ ଅଧାପକ ପ୍ରମୋଦ ଦାସ, ଅଧାପକ ଦୁର୍ଯ୍ୟୋଧନ ପରିଡା, ଅଧାପକ ପ୍ରଦୀପ୍ତ କିଶୋର ଦାଶ, ଶୁଭଙ୍କର ନାୟକ, କଲେଜ ଅଧକ୍ଷ ଅଭିଜିତ ବୋଷ, ଡ. ବାସୁଦେବ ଦାସ, ଉପସଭାପତି ସ୍ମୃତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

